## ସଂକ୍ଷେପରେ

### ବ୍ଲକସ୍ତରୀୟ ମିଶନ ଶକ୍ତି ଫେଡେରେଶନ ସମାବେଶ

ଜୁନାଗଡ଼,୧୩।୯(ସୁନୀଲ କୁମାର ସିଂହ)

କଳାହାଣ୍ଡି ଜିଲା ଜୁନାଗଡ ସହରସ୍ଥିତ ସଂସ୍କୃତି ଭବନଠାରେ ବୁଧବାର ବ୍ଲକସ୍ତରୀୟ ସିଆରପି, ଏମ୍ବିକେ, ବ୍ୟାଙ୍କ ମିତ୍ର ମିଶନ ଶକ୍ତି ଫେଡେରେଶନ୍ ସମାବେଶ ଅନୁଷ୍ଠିତ ହୋଇଥିଲା। ସମାବେଶରେ ମୁଖ୍ୟଅତିଥି ଭାବେ ଜୁନାଗଡ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର, ସ୍ଥାନୀୟ ବିଡିଓ ଦେବାଶିଷ କର, ବ୍ଲକ ଅଧ୍ୟକ୍ଷା ସବିତା ମେହେର, ଜିଲା ପରିଷଦ ଉପାଧ୍ୟକ୍ଷା ସୁଧିରା ମେହେର, ବ୍ଲକ ଉପାଧ୍ୟକ୍ଷ ପ୍ରମୋଦ ବେହେରା, ଡି.ଏସ.ଡବ୍ଲୁଓ ପ୍ରଭାତୀ ତ୍ରିପାଠୀ, ସିଡିପିଓ ଶୈଳଜା ଦାସ, ସୀତା ଶବର, ତପସ୍ୱିନୀ ନାଏକ, ବିଜୟ ଲକ୍ଷ୍ମୀ କନ୍ଦପାନ ପ୍ରମୁଖ ଯୋଗଦେଇଥିଲେ। ପୂର୍ବତନ ନଗରପାଳ ମହେଶ ସାହୁ ସଭା ପରିଚାଳନା କରିଥିଲେ। ବ୍ଲକ ଉପାଧ୍ୟକ୍ଷ ପ୍ରମୋଦ ବେହେରା ମଞ୍ଚ ପରିଚାଳନା କରିଥିଲେ। ଏହି ସମାବେଶରେ ହଜାରେ ସଂଖ୍ୟାରେ ମହିଳା ଯୋଗଦେଇଥିଲେ।

### ନୂଆଁଖାଇ ପାଇଁ ପ୍ରସ୍ତୁତି



ଖଡ଼ିଆଳ,୧୩।୯(ସୁଜିତ୍ କୁମାର ପ୍ରଧାନ)

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଆସନ୍ତା ୨୦ ତାରିଖରେ ପାଳିତ ହେବ। ଏଥିପାଇଁ ଖଡ଼ିଆଳ ଅଞ୍ଚଳରେ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଯାଇଛି। ବିଶେଷ କରି ମହିଳାମାନେ ଘର ଦ୍ୱାର ଲିପାପୋଛା ସହ ଯାବତୀୟ ଜିନିଷପତ୍ର ସଫା ସୁତୁରା କରୁଛନ୍ତି। ଏହା ସହିତ ବଜାରରେ ଭିଡ ଦେଖିବାକୁ ଲାଗିଛି। ଲୋକେ ପରିବାର ପାଇଁ ନୂଆଁ କପଡା କିଣିବା ସହ ଅନ୍ୟ ଜିନିଷ କ୍ରୟ କରୁଛନ୍ତି। ନୂଆଁ ମାଟିପାତ୍ର, ଦୀପ, କୁଲା, ଟୋକେଇ ଆଦି ଘରକୁ ନେଉଛନ୍ତି। କାରଣ ଏସବୁ ନ ଲାଗିଲେ ନୂଆଁ ଖିଆ ଯାଇ ପାରିବନି। ମାଟିପାତ୍ର ବିକ୍ରେତାମାନେ ମଧ୍ୟ ଦୁଇ ପଇସା ରୋଜଗାର ଆଶାରେ ଖୁସି ଅଛନ୍ତି।

### ବ୍ଲକସ୍ତରୀୟ କ୍ରୀଡ଼ା ଉତ୍ସବ

କୋକସରା,୧୩।୯(ଦୁଷ୍ମନ୍ତ ପାଟଯୋଷୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ଢ଼ହଗାଁ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ବ୍ଲକସ୍ତରୀୟ କ୍ରୀଡା ଉତ୍ସବ ଓ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଢ଼ହଗାଁ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜିତେନ୍ଦ୍ର ଭକ୍ତଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ କୋକସରା ବିଇଓ ରଶ୍ମିତା ନେତମ, ମୁଖ୍ୟବକ୍ତା ଭାବେ ଧର୍ମଗଡ଼ ବ୍ଲକ ପୂର୍ବତନ ବିଇଓ ବାଞ୍ଛାନିଧି ପୁରୋହିତ, ସମ୍ମାନିତ ଅତିଥି ଭାବେ ବିଆରସିସି ତୋଫାନ ମାଝି, ବ୍ଲକ ଓଷ୍ଟା ସଂଘର ସଭାପତି ସୁଧୀର କୁମାର ପଣ୍ଡା, ଲଡୁଗାଁ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅଶୋକ ଦାସ, ଖୁଣ୍ଟିଆ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁଧାଂଶୁ ପଣ୍ଡା, ସ୍କୁଲ ପରିଚାଳନା କମିଟି ସଭାପତି ତିଳ ମହାନନ୍ଦ ପ୍ରମୁଖ ଯୋଗଦେଇଥିଲେ। ବିଭିନ୍ନ ସ୍କୁଲରୁ ଭାଗ ନେଇଥିବା ୧୪ରୁ ୧୭ ବର୍ଷର ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ।

# ସ୍କୁଲରେ ତାଲା, ଶିକ୍ଷାଦାନ ବାଧାପ୍ରାପ୍ତ

ଭବାନୀପାଟଣା/ଲାଞ୍ଜିଗଡ଼/କେସିଙ୍ଗା/କୋକସରା/କର୍ଲାମୁଣ୍ଡା,୧୩।୯ (ଉତ୍ତମ କୁମାର ଦାଶ /ରମେଶ ଚନ୍ଦ୍ର ନାୟକ/ଡୁମେଶ୍ୱର ସାହୁ/ଦୁଷ୍ମନ୍ତ କୁମାର ପାଟଯୋଶୀ/ପ୍ରଦୀପ କୁମାର ସାହୁ)

**କଳାହାଣ୍ଡି ଜିଲା**

- ସମୂହ ଛୁଟିରେ ଗଲେ ପ୍ରାଥମିକ ଶିକ୍ଷୟିତ୍ରୀଶିକ୍ଷକ
- ବିଇଓ ଅଫିସ ସମ୍ମୁଖରେ ଗଣଧାରଣା






ଭବାନୀପାଟଣା ବିଇଓ ଅଫିସ ସମ୍ମୁଖରେ ପ୍ରାଥମିକ ଶିକ୍ଷକଙ୍କ ଗଣଧାରଣା(ବାମ)। କର୍ଲାମୁଣ୍ଡା ବ୍ଲକ ସଦର ପ୍ରାଥମିକ ବିଦ୍ୟାଳୟ ଛାତ୍ରୀଛାତ୍ରମାନେ ନିରାଶରେ ଫେରୁଛନ୍ତି।

କଳାହାଣ୍ଡି ଜିଲାର ୧୩ଟି ବ୍ଲକରେ କାର୍ଯ୍ୟରତ ପ୍ରାଥମିକ ଶିକ୍ଷକମାନେ ୩ ଦଫା ଦାବି ନେଇ ବୁଧବାର ସମୂହ ଛୁଟିରେ ଯାଇ ଏହାର ପ୍ରତିବାଦରେ ସ୍ଥାନୀୟ ବିଇଓ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦେଇଛନ୍ତି। ଜିଲାରେ ୧୩ଟି ବ୍ଲକରେ ୨୪୩୨ଟି ସରକାରୀ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରହିଛି। ପ୍ରାଥମିକ ଶିକ୍ଷକମାନେ ସମୂହ ଛୁଟିରେ ଯିବା ଯୋଗୁ ଜିଲାର ଅନେକ ସ୍କୁଲରେ ତାଲା ପଡ଼ିଛି। ଫଳରେ ଶିକ୍ଷାଦାନ ବାଧାପ୍ରାପ୍ତ ହୋଇଛି। ସମସ୍ତ ବର୍ଗର ପ୍ରାଥମିକ ଶିକ୍ଷକଙ୍କୁ କେନ୍ଦ୍ରୀୟ ହାରରେ ଦରମା ପ୍ରଦାନ ଓ ରାଜ୍ୟ ସରକାର ସମସ୍ତ ଠିକା ନିଯୁକ୍ତି ଉଚ୍ଛେଦ କରିଥିବାରୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରେ କାର୍ଯ୍ୟରତ କନିଷ୍ଠ ଶିକ୍ଷୟତ୍ରୀ ଶିକ୍ଷକମାନଙ୍କୁ ନିୟମିତ କରିବା ସହ ଶିକ୍ଷା କର୍ମୀ ଓ ଶିକ୍ଷା ସହାୟକ ମାନଙ୍କ ଠିକା କାର୍ଯ୍ୟକାଳକୁ ଇନକ୍ରିମେଣ୍ଟ ପ୍ରଦାନ କରିବା ସହ ମୂଳ ଚାକିରିରେ ଗଣନା କରିବା, ଗଣ ଶିକ୍ଷକ, ଏକ୍ସକ୍ୟାଡର ଶିକ୍ଷକ, କଳା ଓ କ୍ରୀଡା ଶିକ୍ଷକମାନଙ୍କୁ ନିୟମିତ ଶିକ୍ଷକ ମାନ୍ୟତା ଓ ପୁରୁଣା ପେନସନ୍ ବ୍ୟବସ୍ଥା ପୁନଃ ପ୍ରଚଳନ କରିବା ଆଦି ପ୍ରମୁଖ ଦାବି ରହିଛି। ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନ ପକ୍ଷରୁ ଗଣଧାରଣା ହୋଇଥିଲା। ଭବାନୀପାଟଣାରେ ବ୍ଲକ ସଭାପତି ମଧୁସଦନ ପ୍ରଧାନ, ସମ୍ପାଦକ ପ୍ରଦ୍ୟୁମ୍ନ ହୋତା ଏହାର ନେତୃତ୍ୱ ନେଇଥିଲେ। ଧାରଣାସ୍ଥଳରେ ଜିଲା ସାଧାରଣ ସମ୍ପାଦକ ଧିରେନ୍ଦ୍ର ପଟ୍ଟନାୟକ, ପ୍ରଫୁଲ୍ଲ ଠାକୁର, ସୌମେନ୍ଦ୍ର ମହାନ୍ତି, ପ୍ରଶାନ୍ତ ମୋଲାନା, କାଳିନ୍ଦ୍ରୀ ସ୍ୱାଇଁ, ବିଜୟ ଦଳାଇ, ମହମ୍ମଦ ଜାକିର, ବିଶ୍ୱଜିତ ରାୟ, ସଞ୍ଜୁକ୍ତା ବେହେରା, ପ୍ରତାପ ପଣ୍ଡା ପ୍ରମୁଖଙ୍କ ସହ ସମସ୍ତ ବର୍ଗର ଶିକ୍ଷୟିତ୍ରୀଶିକ୍ଷକ ସାମିଲ ହୋଇଥିଲେ। ସେହିପରି ଜୁନାଗଡରେ ପ୍ରାଥମିକ ଶିକ୍ଷକ ସଂଘ ବ୍ଲକ ସଭାପତି ସରୋଜ କୁମାର ପଣ୍ଡା, ସମ୍ପାଦକ ଶାନ୍ତନୁ ମାଝିଙ୍କ ନେତୃତ୍ୱ ନେଇଥିଲେ। ଲାଞ୍ଜିଗଡ଼ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଦୁଃଶାସନ ଦାସ, ସମ୍ପାଦକ ପ୍ରମୋଦ କୁମାର ମହାନ୍ତି, ଜିଲା ଉପସଭାନେତ୍ରୀ ଅର୍ଚ୍ଚନା ମିଶ୍ର, ଜିଲା କୋଷାଧ୍ୟକ୍ଷ ଶିବ ପ୍ରସାଦ ଦାସ ପ୍ରମୁଖ ବିଶନାଥପୁରସ୍ଥିତ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। କେସିଙ୍ଗା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ କେସିଙ୍ଗା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ସୁରେନ୍ଦ୍ର ଦୋରା, ସମ୍ପାଦକ ସୁରେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଗଣଧାରଣା ଦିଆଯାଇଛି। କୋକସରା ପ୍ରାଥମିକ ଶିକ୍ଷକ ସଂଘ ବ୍ଲକ ସଭାପତି ଭୁରିଶ୍ରବା ଜାଲ, ସତ୍ୟବାନ ପାଣିଗ୍ରାହୀ, ବ୍ଲକ ଉପ ସଭାପତି ବିର କିଶୋର ନାଗ, ଜିଲା ଯୁଗ୍ମ ସମ୍ପାଦକ ଲିଙ୍ଗରାଜ ନାଏକ, ଜିଲା ସଂଯୋଜକ ସଞ୍ଜୀବ କୁମାର ପାଢୀ, ଜିଲା ସାଧାରଣ ସମ୍ପାଦକ ବୈକୁଣ୍ଠ ଜାଲ, ଓଷ୍ଟା ସଂଘ କର୍ମକର୍ତ୍ତା ସାମନ୍ତ ପାଟଯୋଷୀ, ବ୍ଲକ ସଭାପତି (ଜେଟି) ସୁମନ ଅର୍ପିତ ପଣ୍ଡା, କୋଷାଧ୍ୟକ୍ଷ ଦିଲୀପ କୁମାର ସାହୁ ସମେତ ଶତାଧିକ ଶିକ୍ଷକ ଶିକ୍ଷୟିତ୍ରୀ ଧାରଣା ଦେଇଥିଲେ।

କର୍ଲାମୁଣ୍ଡା ବ୍ଲକ ପ୍ରାଥମିକ ସଂଘ ପକ୍ଷରୁ ୩ ଦଫା ଦାବି ନେଇ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସାମୁହିକ ଛୁଟିରେ ଯାଇଛନ୍ତି। ଫଳରେ ବ୍ଲକର ସମସ୍ତ ପ୍ରାଥମିକ ବିଦ୍ୟାଳୟର ବନ୍ଦ ରହିଛି। ଏଥିଯୋଗୁ ବୁଧବାର ଛାତ୍ରୀଛାତ୍ରମାନେ ସ୍କୁଲକୁ ଆସି ଶିକ୍ଷକ ନ ଥିବାରୁ ନିରାଶରେ ଫେରିଯାଇଥିଲେ। ବୁଧବାରଠାରୁ ପ୍ରାଥମିକ ଶିକ୍ଷକ ସଂଘ ୩ ଦଫା ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ବ୍ଲକ ୨୪୧ ଶିକ୍ଷକ ଶିକ୍ଷୟିତ୍ରୀମାନେ ସାମୁହିକ ଛୁଟିରେ ଯାଇ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଧାରଣାରେ ବସିବୁ ବୋଲି ପ୍ରାଥମିକ ଶିକ୍ଷକ ସଂଘ ସଭାପତି ରୋହିତ କୁମାର ରଣା ଓ ସମ୍ପାଦକ ସୁଦର୍ଶନ ସାହୁ କହିଛନ୍ତି। କର୍ଲାମୁଣ୍ଡା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇଥିଲେ।

## ଜ୍ୟୋତିଷ ଗବେଷଣା ଟ୍ରଷ୍ଟ ପକ୍ଷରୁ ନବାନ୍ନ ଭକ୍ଷଣ ଲଗ୍ନ ନିର୍ଦ୍ଧାରିତ

ନୂଆପଡ଼ା,୧୩।୯(ମକାରୁ ବେମାଲ)

ନୂଆପଡା ଜିଲା ଖଡିଆଳସ୍ଥିତ ଅଖିଳ ଭାରତୀୟ ଜ୍ୟୋତିଷ ଗବେଷଣା କାର୍ଯ୍ୟାଳୟରେ ନବାନ୍ନ ଭକ୍ଷଣ ପାଇଁ ଲଗ୍ନ ନିର୍ଦ୍ଧାରଣ ହୋଇଯାଇଛି। ଅଖିଳ ଭାରତୀୟ ଜ୍ୟୋତିଷ ଗବେଷଣା ଟ୍ରଷ୍ଟ ସଭାପତି ଅନ୍ତଃରାଷ୍ଟ୍ରୀୟ ଜ୍ୟୋତିଷାଚାର୍ଯ୍ୟ ଡ. ଅର୍ଜୁନ ବାଗ ଶାସ୍ତ୍ରଙ୍କ ଅଧ୍ୟକ୍ଷତାରେ ଜିଲା ତଥା ପଡୋଶୀ ଜିଲାର ଜ୍ୟୋତିଷାଚାର୍ଯ୍ୟମାନେ ଯୋଗଦେଇଥିଲେ। ପଶ୍ଚିମ ଓଡିଶାର ଗଣପର୍ବ ଆସନ୍ତା ୨୦ରେ ଅନୁଷ୍ଠିତ ହେବାକୁ ଯାଉଛି। ନବାନ୍ନ ଭକ୍ଷଣ ପାଇଁ ଜ୍ୟୋତିଷା ଚାର୍ଯ୍ୟମାନେ ଲଗ୍ନ ଭାର୍ଯ୍ୟ କରିଛନ୍ତି। ଚଳିତ ବର୍ଷ ୨୦ ତାରିଖ (ବୁଧବାର) ବିଶାଖା ନକ୍ଷେତ୍ର ତୁଳା ଗତ ବିଛା ଚନ୍ଦ୍ରେ ବିଛା ଲଗ୍ନେ ଶୁକ୍ର ନବାଂଶେ ଭୌମ କ୍ଷେତ୍ରେ ଦିବା ଘ.୧୦ ଟା ୨୭ ମିନିଟରୁ ୧୧ଟାରୁ ୧୨ଟା ୫୩ ମିନିଟ ମଧ୍ୟେ ନବାନ୍ନ ଭକ୍ଷଣ ଶୁଭ ରହିଛି। ପଶ୍ଚିମ ଓଡିଶା ଆରାଧ୍ୟ ଦେବୀ ମା' ସମଲେଶ୍ୱରୀ ଓ ପୁରପଲ୍ଲିରେ ଅବସ୍ଥିତ ସର୍ବ ଦେବଦେବୀଙ୍କୁ ପୂଜା ଅର୍ଚ୍ଚନା ସହ ନବାନ୍ନ ଭୋଗ ଲଗାଇ ଭକ୍ଷଣ ଶୁଭପ୍ରଦ ଅଟେ। ଗଣନା ସମୟରେ ଜ୍ୟୋତିଷାଚାର୍ଯ୍ୟ ଅର୍ଜୁନ ଶାସ୍ତ୍ରୀ ସମେତ ଜ୍ୟୋର୍ତିବିଦ ଉପସଭାପତି ଦିନନାଥ ଦୁବେ, ଚତୁର୍ଭୂଜ ରଣା, ନୀଳାମ୍ବର ମାଝି, ଦେବେନ୍ଦ୍ର ଛତ୍ରିଆ, ସମ୍ପାଦକ ମହେନ୍ଦ୍ର ସୁନାନୀ, ଦିବ୍ୟ ନାରାୟଣ ବୈଠାରୁ, ଡୋଲେଶ୍ୱର ଦାସ, ବୈକୁଣ୍ଠ ଶଗରିଆ, ଉଗ୍ରେସନ ମାଝି, ବଳିୟାର ମାଝି ପ୍ରମୁଖ ଉପସ୍ଥିତ ଥିଲେ।

# ସିନାପାଲି ପ୍ରାଥମିକ ଶିକ୍ଷକଙ୍କ ଧାରଣା



ସିନାପାଲିରେ ପ୍ରାଥମିକ ଶିକ୍ଷକଙ୍କ ଧାରଣା ଜାରି ରହିଛି।

ସିନାପାଲି,୧୩।୯(ମନଫୁଲ ମେହେର)

ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ଡାକରାରେ ୩ ଦଫା ଦାବି ନେଇ ନୂଆପଡ଼ା ଜିଲା ସିନାପାଲିରେ ପ୍ରାଥମିକ ଶିକ୍ଷକଙ୍କ ଧାରଣା ଜାରି ରହିଛି। ଠିକା ନିଯୁକ୍ତି ଉଚ୍ଛେଦ, ଏକ୍ସକ୍ୟାଡର ଉଚ୍ଛେଦ କରି ଉକ୍ତ ବର୍ଗର ଶିକ୍ଷକଙ୍କୁ କେ କରିବା, କେନ୍ଦ୍ରୀୟ ହାରରେ ଦରମା ପ୍ରଦାନ, ପୁରୁଣା ପେନସନ ଲାଗୁ ଆଦି ଦାବିରେ ବ୍ଲକର ଶହଶହ ପ୍ରାଥମିକ ଶିକ୍ଷକ ଶିକ୍ଷୟିତ୍ରୀ ବିଇଓ ଅଫିସ ସମ୍ମୁଖରେ ଧାରଣାରେ ବସିଛନ୍ତି। ସଂଘ ବ୍ଲକ ସଭାପତି ପ୍ରସନ୍ନ ମାଝି, ସମ୍ପାଦକ ବାଲାଜୀ ହରିଜନ, ଏକ୍ସକ୍ୟାଡର ଜିଲା ସଭାପତି ଅରୁଣ କୁମାର ଯୋଷୀ, କନିଷ୍ଠ ଶିକ୍ଷକ ସଂଘ ସଭାପତି ଜ୍ଞାନରଞ୍ଜନ ସୁନାନୀ ପ୍ରମୁଖ ଧାରଣାର ନେତୃତ୍ୱ ନେଉଛନ୍ତି। ଏଥି ଯୋଗୁ ବ୍ଲକର ପ୍ରାୟ ସମସ୍ତ ପ୍ରାଥମିକ ବିଦ୍ୟାଳୟ ପ୍ରଭାବିତ ହୋଇଥିବା ଜଣାପଡ଼ିଛି। ପ୍ରାୟ ବିଦ୍ୟାଳୟରେ ପାଠପାଢ଼ା ଓ ମଧ୍ୟାହ୍ନ ଭୋଜନ ବନ୍ଦ ହୋଇଯାଇଥିବା ବେଳେ କାଁଭାଁ କିଛି ବିଦ୍ୟାଳୟରେ ଜଣେ ଦୁଇଜଣ ପୁରୁଣା ପେନସନ ଭୋଗୀ ଶିକ୍ଷକମାନେ ପିଲାଙ୍କୁ ମଧ୍ୟାହ୍ନ ଭୋଜନ ଦେଇ ଜଗି ରହିଥିବା ଦେଖିବାକୁ ମିଳିଛି। ଏପରି ସ୍ଥଳେ ପିଲାଙ୍କ ଭବଶ୍ୟତକୁ ନେଇ ଅଭିଭାବକଙ୍କ ମଧରେ ଆଶଙ୍କା ସୃଷ୍ଟି ହେବା ସହ ଅସନ୍ତୋଷ ଲାଗିଛି। ଧାରଣାସ୍ଥଳରେ ନେତୃମଣ୍ଡଳୀଙ୍କ ସମେତ ଆଲୋକ ପାଣିଗ୍ରାହୀ, ତରୁଣ କୁମାର ମେହେର, ରାଜେନ୍ଦ୍ର ଖମାରୀ, କୁଳଚନ୍ଦ୍ର ନାଏକ, ମୋତିଲାଲ ବାଗ ପ୍ରମୁଖ ଉପସ୍ଥିତ ଥିଲେ। ଅପରାହ୍ନରେ ଶିକ୍ଷକ ସଂଘର ଏକ ବୈଠକ କରାଯାଇ ଆଗାମୀ ଦିନର କାର୍ଯ୍ୟପନ୍ଥା ନିର୍ଦ୍ଧାରଣ ସହ ସାମୁହିକ ଛୁଟି ନିମନ୍ତେ ଆବେଦନ ପତ୍ର ସ୍ଥାନୀୟ ବିଇଓଙ୍କୁ ପ୍ରଦାନ କରାଯାଇଥିଲା। ଏହି ସମୟରେ ପ୍ରକାଶ ମେହେର, ରାକେଶ ମିଶ୍ର, ଈଶ୍ୱର ବଘେଲ, ପ୍ରେମାନନ୍ଦ ମେହେର, ସୁଶିଲ ଯୋଷୀ, ଜୟକୃଷ୍ଣ ଯୋଷୀ, ବୈଷ୍ଣବ ମେହେର, ସୁଦର୍ଶନ ଭୋଇ, ଶେଖର ବାଗ, କ୍ଷେତ୍ରମୋହନ ମାଝି ପ୍ରମୁଖ ଉପସ୍ଥିତ ଥିଲେ। ଦାବି ହାସଲ ଯାଏଁ ଏହି ଧାରଣା ଜାରି ରହିବ ବୋଲି ଜଣାପଡ଼ିଛି।

## ବ୍ଲକସ୍ତରୀୟ ୨ ଦିନିଆ କଳାକାର ପ୍ରଶିକ୍ଷଣ ଶିବିର

ନୂଆପଡ଼ା,୧୩।୯(ମକାରୁ ବେମାଲ)

ନୂଆପଡା ସଦର ବ୍ଲକ ସଭାଗୃହଠାରେ ୨ଦିନିଆ ବ୍ଲକସ୍ତରୀୟ କଳାକାର ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ସଦର ଗୋଷ୍ଠି ଉନ୍ନୟନ ଅଧିକାରୀ ସୁବେଦାର ପ୍ରଧାନ ମୁଖ୍ୟଅତିଥି, ନୂଆପଡ଼ା ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଇନ୍ଦ୍ରା ମହାପାତ୍ର, କୃଷି ଅଧିକାରୀ ଅଞ୍ଜନା ରାଣୀ ପଣ୍ଡା, ବିପିଏମ ଖରିଆର ରୋଡ ସେକ ୱାସିମ ରାଜା, କଳାକାର ସଂଘ ଉପସଭାପତି ବଳରାମ ସୋନି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପଶିକ୍ଷଣ ଶିବିରରେ ସରକାରଙ୍କ ମମତା ଯୋଜନାଠାରୁ ଆରମ୍ଭ କରି ହରିଶ୍ଚନ୍ଦ୍ର ଯୋଜନା ପର୍ଯ୍ୟନ୍ତ ଲୋକ ଲୋଚନକୁ ଆଣିବା ପାଇଁ ପ୍ରୟାସ ଚାଲିଛି। ସରକାରଙ୍କ ଯୋଜନା ବିଷୟରେ ଗ୍ରାମାଞ୍ଚଳର ଲୋକମାନେ ଜଣି ପାରିନାହାନ୍ତି। ଏହିସବୁ ବର୍ତ୍ତା ପୁରପଲ୍ଲିରେ ପହଞ୍ଚାଇବା ପାଇଁ ଜିଲାର କଳାକାରଙ୍କୁ ପ୍ରଶାସନ ପକ୍ଷରୁ ତାଲିମ ଦିଆଯାଉଛି। ବିଭାଗୀୟ ଅଧିକାରୀମାନେ ଯୋଗଦେଇ ତାଲିମ ପ୍ରଦାନ କରୁଛନ୍ତି। କାର୍ଯ୍ୟକ୍ରମରେ ଜିଲାର କୋଣ ଅନୁକୋଣରୁ କଳାକାରମାନେ ଆସି ନିଜର କଳା ପଦର୍ଶନ କରୁଛନ୍ତି। ଜିଲାର ଦକ୍ଷ କଳାକାରମାନଙ୍କୁ ଚୟନ କରି ଆଗାମୀ ଦିନରେ ଗାଁ ଗାଁ ବୁଲି ପଥପ୍ରାନ୍ତ ନାଟକ ମାଧ୍ୟମରେ ଯୋଜନା ଉପରେ ଲୋକଙ୍କୁ ବାର୍ତ୍ତା ଦେବେ। ନରେନ୍ଦ୍ର ହରପାଲ, ନୀଳାମ୍ବର ମାଝି, କମଳା ତାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।

# ଆର୍‌ଟିଆଇ ତଥ୍ୟରେ ଜାଲ କରାଯାଇଛି: ଶିକ୍ଷକ

ଜୁନାଗଡ଼,୧୩।୯(ସୁନୀଲ କୁମାର ସିଂହ)

**ଜଣେ ଶିକ୍ଷକ ୨ଟି ସ୍କୁଲରେ କାର୍ଯ୍ୟରତ ରହିବା ଘଟଣା**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଶିକ୍ଷା ବିଭାଗରେ କାର୍ଯ୍ୟରତ ଜଣେ ଶିକ୍ଷକ ଏକା ସାଙ୍ଗରେ ଗୋଟିଏ ବେସରକାରୀ ହାଇସ୍କୁଲ ଓ ସରକାରୀ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଥିବା ସୂଚନା ଅଧିକାର ଆଇନରୁ ଜଣାପଡିଥିଲା। ଏହି ସୂଚନା ଭଇଁରୀଗୁଡାର ସାମାଜିକ କର୍ମୀ ଦେବରାଜ ବାଣୁଆ ମାଗିଥିଲେ। ସାମାଜିକ କର୍ମୀ ଦେବରାଜ ଏହା ଜାଲ ନିଯୁକ୍ତି ସନ୍ଦେହ କରି ଶିକ୍ଷା ବିଭାଗ ଓ ପୋଲିସ ପ୍ରଶାସନଠାରେ ସମ୍ପୃକ୍ତ ଶିକ୍ଷକଙ୍କ ନାମରେ ଅଭିଯୋଗ କରିଥିଲେ। ଏହାକୁ ନେଇ ବୁଧବାର ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ତାଙ୍କ ଅଭିଯୋଗ ଅନୁଯାୟୀ, ଜୁନାଗଡ ବ୍ଲକ ମାକରଶୋଲା ଗ୍ରାମର ଅରୁଣ କୁମାର ମୁଣ୍ଡ ଭଇଁରୀଗୁଡା ପଞ୍ଚାୟତ ହାଇସ୍କୁଲରେ ଗତ ୨୦୦୪ ରୁ ୨୦୧୦ ପର୍ଯ୍ୟନ୍ତ ଶିକ୍ଷକ ଭାବେ କାର୍ଯ୍ୟରତ ଥିବା ସୂଚନା ଅଧିକାର ଆଇନରୁ ଜାଣିବାକୁ ପାଇଥିଲେ। ସେହିପରି ସମ୍ପୃକ୍ତ ଶିକ୍ଷକ ୨୦୦୮-୨୦୧୦ରେ ମଧ୍ୟ ଜୁନାଗଡ ବ୍ଲକର ପାଣିଗାଁ ସରକାରୀ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଥିବା ସୂଚନା ଅଧିକାର ଆଇନରେ ଜଣାପଡିଥିଲା। ଏକାସାଙ୍ଗରେ ଶିକ୍ଷକ ଜଣକ ୨୦୦୮-୧୦ ପର୍ଯ୍ୟନ୍ତ ଭଇଁରୀଗୁଡା ପଞ୍ଚାୟତ ହାଇସ୍କୁଲ ଓ ପାଣିଗାଁ ସରକାରୀ ପ୍ରାଥମିକ ବିଦ୍ୟାଳୟରେ କିପରି କାର୍ଯ୍ୟରତ ଥିଲେ ତାହାକୁ ନେଇ ସେ ସନ୍ଦେହ କରିଥିଲେ। ଅନ୍ୟପକ୍ଷରେ ଏହି ଘଟଣାକୁ ଶିକ୍ଷକ ଅରୁଣ ମୁଣ୍ଡ ଖଣ୍ଡନ କରିବା ସହ ବୁଧବାର ଜୁନାଗଡ ବିଇଓଙ୍କୁ ଏକ ଲିଖିତ ଅଭିଯୋଗ ଦେଇଛନ୍ତି। ଭଇଁରୀଗୁଡା ପଞ୍ଚାୟତ ହାଇସ୍କୁଲରେ ସେ କେବେ ମଧ୍ୟ ନିଯୁକ୍ତି ହୋଇ ନ ଥିଲେ। ଆରଟିଆଇରେ ଦିଆଯାଇଥିବା ତଥ୍ୟରେ ଜାଲିଆତି କରାଯାଇ ତାଙ୍କ ନାମ ଭୁଲ ଦର୍ଶାଯାଇଥିବା ସେ ଅଭିଯୋଗ କରିଛନ୍ତି। ୨୦୦୧ରୁ ସେ ସରକାରୀ ଶିକ୍ଷକ ଭାବେ ଶିକ୍ଷା ବିଭାଗରେ କାର୍ଯ୍ୟରତ ଅଛନ୍ତି। ତେଣୁ ସରକାରୀ ଶିକ୍ଷକ ହୋଇ ମୁଁ କେମିତି ବେସରକାରୀ ସ୍କୁଲରେ ଯୋଗଦାନ କରିବି ବୋଲି ଦର୍ଶାଇଛନ୍ତି। ଏହି ଘଟଣାର ସେ ତଦନ୍ତ କରିବାକୁ ବିଇଓଙ୍କୁ ନିବେଦନ କରିଛନ୍ତି। ଏପଟେ ଭଇଁରୀଗୁଡା ପଞ୍ଚାୟତ ହାଇସ୍କୁଲ ପ୍ରଧାନ ଶିକ୍ଷକ କିଶୋର ଚନ୍ଦ୍ର ମେହେରଙ୍କୁ ପଚାରିବାରୁ ୨୦୦୯ ପୂର୍ବରୁ ସ୍କୁଲର ସବୁ ରେକର୍ଡ ନାହିଁ। ସବୁ ଚୋରି ହୋଇଯାଇଛି। ଏ ନେଇ ଆମେ ଥାନାରେ ମଧ୍ୟ ଅଭିଯୋଗ କରିଛୁ। ଦେବରାଜ କେମିତି ସୂଚନା ଅଧିକାର ଆଇନରୁ ପାଇଲେ ଆମକୁ ଜଣାନାହିଁ ବୋଲି କହିଥିଲେ।

## ଖଡ଼ିଆଳ ପାଟଣା କ୍ଷତ୍ରିୟ ସମାଜର ବୈଠକ

ଖଡ଼ିଆଳ,୧୩।୯(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳସ୍ଥିତ ଖଡ଼ିଆଳ ପାଟଣା କ୍ଷତ୍ରିୟ ସମାଜ ଭବନରେ କ୍ଷତ୍ରିୟ ସମାଜ କୁଳପତି ସମ୍ଭୁକିଶୋର ଦଣ୍ଡସେନାଙ୍କ ଅଧ୍ୟକ୍ଷତାରେ ଏକ ଜରୁରୀକାଳୀନ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆଗାମୀ ନୂଆଁଖାଇ ଭେଟଘାଟ ତଥା କେନ୍ଦ୍ର ବୈଠକ ସମାଜ ଭବନ ପରିସରରେ ଅନୁଷ୍ଠିତ ହେବା ପାଇଁ ସର୍ବ ସମ୍ମତି କ୍ରମେ ମତ ପ୍ରକାଶ ପାଇଥିଲା। ବୈଠକରେ ସମାଜ ଉପ କୁଳପତି ସୁରେନ୍ଦ୍ର କୁମାର ପ୍ରଧାନୀ, ମୁଖ୍ୟ ସମ୍ପାଦକ ଦିଲୀପ କୁମାର ନାଏକ, ଯୁଗ୍ମ ସମ୍ପାଦକ ଘୁମେଷ କୁମାର ଚଲାନ, ସଙ୍ଗଠକ ପରମେଶ୍ୱର ବାରିକ, ସହ ସଙ୍ଗଠକ ବିଭୁତି ଭୂଷଣ ବିଶି, ଯୁଗ୍ମ ସଙ୍ଗଠକ ଜଗଦୀଶ ବାରିକ, କୋଷାଧ୍ୟକ୍ଷ ଶ୍ରୀବତ୍ସ ବାରିକ, ସହ କୋଷାଧ୍ୟକ୍ଷ ରାଜକପୁର ବାରିକ, ପରାମର୍ଶ ଦାତା ଜ୍ଞାନ ପ୍ରକାଶ ସିଂ, ରମଣ ସିଂ ବାରିକ, ପ୍ରମୋଦ କୁମାର ଦଣ୍ଡସେନା ପ୍ରମୁଖ ଉପସ୍ଥିତ ରହି ନିଜ ମତ ପ୍ରକାଶ କରିଥିଲେ। କେନ୍ଦ୍ର ବୈଠକ ପରିଷଦ ଓ ପରାମର୍ଶ ଦାତାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେବ।

# ୫ମ ଦିନରେ ଜୁନାଗଡ଼କୁ ଜିଲା ଦାବି ଧାରଣା

ଜୁନାଗଡ଼,୧୩।୯(ସୁନୀଲ କୁମାର ସିଂହ)

ଜୁନାଗଡକୁ ଜିଲା ମାନ୍ୟତା ଦାବି ନେଇ ଚାଲିଥିବା ଗଣଧାରଣା ବୁଧବାର ପଞ୍ଚମ ଦିନରେ ପହଞ୍ଚିଛି। ଜୁନାଗଡର ଅତିତର ହକ ଓ ଅଧିକାରକୁ ଛଡେଇ ନିଆଯାଇଛି। ଯେ ପର୍ଯ୍ୟନ୍ତ ସରକାର ଆମ ଅଧିକାର ନ ଦିଅନ୍ତି, ଜୁନାଗଡର ଆତ୍ମସମ୍ମାନ ଓ ସ୍ୱାଭିମାନ ପାଇଁ ଶେଷ ରକ୍ତବିନ୍ଦୁ ଥିବା ପର୍ଯ୍ୟନ୍ତ ଆମେ ଏହି ଲଢେଇ କରିବୁ ବୋଲି ବିକ୍ଷୋଭକାରୀମାନେ ସରକାରଙ୍କୁ ଚେତାବନୀ ଦେଇଥିଲେ। ଶିଭରାମ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବିକ୍ଷୋଭ ସଭାରେ ଜୁନାଗଡ ଏନ୍‌ଏସି ଅଧ୍ୟକ୍ଷ ମୁକେଶ ଅଗ୍ରୱାଲ, ବେଦପ୍ରକାଶ ଗୋଏଲ, କଂଗ୍ରେସ ଟାଉନ ସଭାପତି ଅମିତ କୁମାର ଅଗ୍ରୱାଲ, ବକ୍ସିତୁଲସିପାଲି ସରପଞ୍ଚ ଦିବ୍ୟଶଙ୍କର ଦୀପ, ନାନ୍ଦୋଳ ସରପଞ୍ଚ ନିରଞ୍ଜନ ମାଝି, ଏମ୍‌ପି ପ୍ରତିନିଧି ଚନ୍ଦ୍ରହାଶ୍ୟ ବିଶ୍ୱାଳ, ଗଣେଶ ପଧାନ, କୈଳାଶ ଖେମକା, ବିଭୁପ୍ରସାଦ ପାଢୀ, ସୁରେନ୍ଦ୍ରନାଥ ସେଠୀ, ବିଶ୍ୱରଞ୍ଜନ ନାଏକ, ଚକ୍ରଧର ପୂଝାରୀ, ଈଶ୍ୱର ପୂଝାରୀ, କୁମୁଦ ଗହିର, କାଶୀନାଥ ଘି, ଅଶୋକ ପଟ୍ଟନାୟକ, ଲଳିତ ନାଏକ, ରାଜେଶ ଅଗ୍ରୱାଲ, ଦିପେନ ସାହୁ, ମାରୱାଡି ଯୁବାମଞ୍ଚର ସଭାପତି ଚମ୍ପକ ଅଗ୍ରୱାଲ, କ୍ରିୟାନୁଷ୍ଠାନ କମିଟି ଆବାହକ ହିମାଂଶୁ ଶେଖର ବରାଡ, ସମ୍ପାଦକ ସନ୍ତୋଷ ସିଂଦେଓ, ସରପଞ୍ଚ ସଂଘ ସଭାପତି ତାରାଶଙ୍କର ରାୟଗୁରୁ, ବହୁଜନ ସଂଗ୍ରାମ ସମିତି ଅଧ୍ୟକ୍ଷ ରଞ୍ଜନ କୁମାର ଜାଲ, ମିନୁ କନ୍ଦପାନ, ପୁରନେନ୍ଦୁ ମାଝିଙ୍କ ସମେତ ଶତାଧିକ ସ୍ୱାଭିମାନି ଜୁନାଗଡିଆ ଉପସ୍ଥିତଥିଲେ।



ପଞ୍ଚମ ଦିନରେ ଜିଲା ଦାବି ନେଇ ଧାରଣା।

# କଳାହାଣ୍ଡି ଜିଲା ଯୁବ ରେଡକ୍ରସର କାର୍ଯ୍ୟକାରିଣୀ ବୈଠକ

ଭବାନୀପାଟଣା,୧୩।୯ (ଉତ୍ତମ କୁମାର ଦାଶ)



ବୈଠକରେ ଯୋଗଦେଇଥିବା ବିଭିନ୍ନ କଲେଜ ଅଧ୍ୟକ୍ଷ, ପରାମର୍ଶଦାତା, ଛାତ୍ରୀଛାତ୍ର।

**ସମସ୍ତଙ୍କ ଦେହରେ ରକ୍ତ, ସମସ୍ତଙ୍କ ପାଇଁ ରେଡକ୍ରସ୍**

କଳାହାଣ୍ଡି ଜିଲା ଯୁବରେଡକ୍ରସର କାର୍ଯ୍ୟକାରିଣୀ ବୈଠକ ଭବାନୀପାଟଣାସ୍ଥିତ କଳାହାଣ୍ଡି ବିଶ୍ୱବିଦ୍ୟାଳୟର ଯୁବ ସଂସ୍କାର ପ୍ରେକ୍ଷାଳୟଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସଞ୍ଜୟ କୁମାର ଶତପଥୀଙ୍କ ସଭାପତିତ୍ୱରେ ଜିଲାର ବିଭିନ୍ନ ମହାବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଓ ଯୁବରେଡକ୍ରସର ପରାମର୍ଶଦାତାମାନେ ଯୋଗଦେଇଥିଲେ। କୁଳପତି ରେଡକ୍ରସ ପତାକା ଉତ୍ତୋଳନ କରିବା ସହ ଯୁବ ରେଡକ୍ରସର ଶପଥପାଠ କରାଇଥିଲେ। ସମସ୍ତଙ୍କ ଦେହରେ ରକ୍ତ ଅଛି, ସମସ୍ତଙ୍କ ପାଇଁ ରେଡକ୍ରସ। ଜିଲାରେ ରକ୍ତ ସଂଗ୍ରହ ପାଇଁ ରକ୍ତ ସଂଗ୍ରହ ଭ୍ୟାନର ଆବଶ୍ୟକତା ରହିଛି ବୋଲି ପ୍ରଫେସର ଶତପଥୀ ମତପୋଷଣ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ତନ୍ମୟ ଦରୱାନ, ସମ୍ମାନିତ ଅତିଥି ଭାବେ ପିଜି କାଉନସିଲର ଚେୟାରମ୍ୟାନ ଡ. ନିବେଦିତା ନାଥ, ବିଶ୍ୱବିଦ୍ୟାଳୟ ସ୍ୱେଚ୍ଛାସେବୀଙ୍କ ଉପଦେଷ୍ଟା ମେଜର ଜୟଦେବ ସାହୁ ପ୍ରମୁଖ ଯୋଗଦେଇ ଯୁବରେଡକ୍ରସର ମହନୀୟ ଭୂମିକା ଉପରେ ଆଲୋକପାତ କରିଥିଲେ। ଜିଲା ଆବାହକ ସମ୍ପାଦକ ସଞ୍ଜୀବ କୁମାର ସାହୁ ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଜିଲା ସଂଯୋଜକ ଶାନ୍ତନୁ କୁମାର ପରିଡା ଚଳିତ ୨୦୨୩-୨୪ ଶିକ୍ଷାବର୍ଷ ପାଇଁ ବାର୍ଷିକ ଯୋଜନା ଓ ଗତ ବର୍ଷର ଯୁବରେଡକ୍ରସ ରାଜ୍ୟ ଅଂଶ ଓ ରେଡ ରିବନ କ୍ଲବ କାର୍ଯ୍ୟକ୍ରମ ବିଷୟରେ ଆଲୋକପାତ କରିଥିଲେ। ଗତବର୍ଷ ଜିଲାରେ ଆୟୋଜିତ ଦୁଇଟି ଜିଲାସ୍ତରୀୟ ଶିବିରର ଆୟୋଜକ ପଞ୍ଚାୟତ ଡିଗ୍ରୀ ମହାବିଦ୍ୟାଳୟ, କୋକସରା ଯୁବ ରେଡକ୍ରସ ପରାମର୍ଶଦାତା ଅଧାପକ ସୁବ୍ରତ କୁମାର ବେହେରା ଓ ଜେ.କେ. ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରିଷିଡାର ଅଧ୍ୟକ୍ଷ ହେମନ୍ତ ଚୌଧୁରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ରାଜ୍ୟ ପୁରସ୍କାର ପାଇଁ ମନୋନୀତ ଶ୍ରେଷ୍ଠ ପରାମର୍ଶଦାତା ଭାବେ ଲକ୍ଷୀରାମ ଅଗ୍ରୱାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବେହେରାର ପରାମର୍ଶଦାତା ମୋହନ ଚରଣ ବିଷି ଓ ଶ୍ରେଷ୍ଠ ମହିଳା ସ୍ୱେଚ୍ଛାସେବୀ ଭାବେ କଳାହାଣ୍ଡି ବିଶ୍ୱବିଦ୍ୟାଳୟର ଛାତ୍ରୀ ଶ୍ରାବଣୀ ବାନାର୍ଜିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଯୁବ ରେଡକ୍ରସ ପରାମର୍ଶଦାତା ମୋହନ ଚରଣ ବିଷି ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଜିଲାର ୭୦ଟି ମହାବିଦ୍ୟାଳୟରୁ ଅଧ୍ୟକ୍ଷ ଓ ପରାମର୍ଶଦାତା ମାନେ ଅଂଶଗ୍ରହଣ କରିଥିଲେ।

## ଶ୍ରେଣୀଗୃହ ନିର୍ମାଣର ଭୂମିପୂଜନ

ବରଗଡ଼,(ପ୍ରେମାନନ୍ଦ ଖମାରୀ): ବରଗଡ଼ ବ୍ଲକ ଗୋବିନ୍ଦପୁର ଉନ୍ନୀତ ଉଚ୍ଚ ବିଦ୍ୟାଳୟର ନୂତନ ଶ୍ରେଣୀଗୃହ ନିର୍ମାଣର ଭୂମିପୂଜନ ଏବଂ ନବମ, ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ମୁଖ୍ୟମନ୍ତ୍ରୀ ପରିଧାନ ଯୋଜନାରେ ପୋଷାକ ବଣ୍ଟନ ହୋଇଯାଇଛି। ପ୍ରଧାନ ଶିକ୍ଷକ ମଳୟ ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥିଭାବେ ଯୋଗଦାନ କରିଥିଲେ। ସ୍ଥାନୀୟ ସରପଞ୍ଚ ପ୍ରଫୁଲ୍ଲ ନାଏକ, ବ୍ଲକ ଉପାଧ୍ୟକ୍ଷ ଉମେଶ ପଣ୍ଡା, ଜିଲା ଶିକ୍ଷା ଅଧିକାରୀ ମିତ୍ରଭାନୁ କଚ୍ଛପ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ ଯୋଗଦାନ କରିଥିଲେ।

## ସଂକ୍ଷେପରେ

### ସଙ୍କୁଳସ୍ତରୀୟ ସ୍ୱଦେଶୀ ବୈଠକ

ଭେଡ଼େନ,୧୩।୯(ସୁଦନ ମହାକୁର)

ବରଗଡ଼ ଜିଲା ଭେଡ଼େନ ବ୍ଲକ ଥୁଆପାଲି ସରସ୍ୱତୀ ଶିଶୁ ମନ୍ଦିରରେ ସଙ୍କୁଳସ୍ତରୀୟ ସ୍ୱଦେଶୀ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସଙ୍କୁଳ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟର ୯ ଆଚାର୍ଯ୍ୟାଆଚାର୍ଯ୍ୟ ଏଥିରେ ଭାଗ ନେଇଥିଲେ। ପରିଚାଳନା କମିଟି ସଭାପତି ହରିଶ୍ଚନ୍ଦ୍ର ବାରିକ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସଙ୍କୁଳ ପ୍ରମୁଖ ଶଙ୍କର୍ଷଣ ମିଶ୍ର ସ୍ୱାଗତ ଭାଷଣ, ପ୍ରଧାନାଚାର୍ଯ୍ୟ କ୍ଷୀରେନ୍ଦ୍ର ରଣା ଅତିଥି ପରିଚୟ କରିଥିଲେ। ବୈଠକର ପ୍ରଥମ କାଳାଂଶ ସମୀକ୍ଷା ଭୋଜରାଜ ଦୁଆନ, ଦ୍ୱିତୀୟ କାଳାଂଶ ' ବାର୍ଷିକ ଯୋଜନା'ମୁକୁନ୍ଦ ମହାରଣା ଓ ତୃତୀୟ କାଳାଂଶ ଆଗାମୀ ଯୋଜନାର ଶିବାନନ୍ଦ ଦାଶ ଦାୟିତ୍ୱ ନେଇଥିଲେ। ନରେନ୍ଦ୍ର ରଣା ଓ ରିଙ୍କୁ କୁମାର ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଶୋକ କୁମାର ଧର ଧନ୍ୟବାଦ ଅର୍ପଣ କରିଥିଲେ।

### ଶାରଦୀୟ ଦୁର୍ଗାପୂଜା ନିମନ୍ତେ କର୍ମକର୍ତ୍ତା ଚୟନ

ସରଣ୍ଡା,୧୩।୯ (ଯୁଧିଷ୍ଠିର ମହାପାତ୍ର)

ବରଗଡ ଜିଲା ଅତାବିରା ବ୍ଲକ ଗୋଡ଼ଭଗାଠାରେ ଶାରଦୀୟ ଦୁର୍ଗାପୂଜା ପାଇଁ ଏକ ପ୍ରସ୍ତୁତି ବୈଠକ କେ.ୱାର୍‌ପ୍ରସାଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଚଳିତ ବର୍ଷ ନିମନ୍ତେ ସର୍ବସମ୍ମତିକ୍ରମେ ନୂତନ କର୍ମକର୍ତ୍ତା ଚୟନ କରାଯାଇ ଦାୟିତ୍ୱ ଅର୍ପଣ କରାଯାଇଥିଲା। ଚଳିତବର୍ଷ କର୍ତ୍ତାଭାବେ ପ୍ରଦୀପ କୁମାର ପ୍ରଧାନଙ୍କୁ ମନୋନୀତ କରାଯାଇଥିଲା। ରାମକୃଷ୍ଣ ଅଗ୍ରୱାଲ ସଭାପତି, ରାଜେଶ ଜୟସ୍ୱାଲ ଏବଂ ସତୀଶ ଦାଶ ଉପସଭାପତି, ସମ୍ପାଦକ ଦେବବ୍ରତ ରଥ, ସହସମ୍ପାଦକ ଓ.ପି.ଶ୍ରୀହରି, ଶିବାନନ୍ଦ ବହିଦାର କୋଷାଧକ୍ଷ ଦାୟିତ୍ୱ ନିର୍ବହ କରିବେ। ଅନ୍ୟମାନଙ୍କ ମଧ୍ୟରେ କୁଳମଣି ପ୍ରଧାନ, ସୁରେଶ ଦାଶ, ସୁଶାନ୍ତ ରଥ, ଅନିରୁଦ୍ଧ ଖମାରୀ, ସୁଶାନ୍ତ ପ୍ରଧାନ ତଥା ଅଞ୍ଚଳର ଗଣ୍ୟମାନ୍ୟ ବ୍ୟକ୍ତ ବୈଠକରେ ଉପସ୍ଥିତ ଥିଲେ। ବରିଷ୍ଠ ସଭ୍ୟ ବିଭୁ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

### ସଂସ୍କୃତ ମହାବିଦ୍ୟାଳୟରେ ବୃକ୍ଷରୋପଣ

ବରପାଲି, ୧୩।୯(ଚିତ୍ତରଞ୍ଜନ ସାହୁ)

ବରଗଡ ଜିଲା ବରପାଲି ବ୍ଲକ ବିଜୟପଲ୍ଲୀ ଶ୍ରୀ ଜଗନ୍ନାଥ ସଂସ୍କୃତ ବିଦ୍ୟାଳୟରେ ମୋ କଲେଜ ଅଭିଯାନ ଓ ଯୁବ ରେଡକ୍ରସ ୟୁନିଟ ପକ୍ଷରୁ ବୃକ୍ଷ ରୋପଣ କାର୍ଯକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ବଦ୍ରୀ ନାରାୟଣ ପୂଜାରୀଙ୍କ ତତ୍ତ୍ୱାବଧାନରେ ଡ଼ ରମେଶ ଚନ୍ଦ୍ର କର, କାମପାଳ ପଣ୍ଡା ଏବଂ ସମସ୍ତ ଅଧାପିକା, ଅଧାପକ, କର୍ମଚାରୀ ଓ ଛାତ୍ରୀଛାତ୍ର ଯୋଗଦେଇ ବୃକ୍ଷରୋପଣ କରିଥିଲେ।

# ଉତ୍କଟ ପୁଞ୍ଜିବାଦରୁ ବଦଳୁଛି ଗଣମାଧ୍ୟମର ରୂପ

ବରଗଡ଼,୧୩।୯(ପ୍ରେମାନନ୍ଦ ଖମାରୀ)



ଆଲୋଚନାଚକ୍ରରେ ମଞ୍ଚାସୀନ ଆଲୋଚକ, ଅତିଥିବୃନ୍ଦ।

ବିଶ୍ୱର ସାମାଜିକ, ଅର୍ଥନୈତିକ ତଥା ରାଜନୈତିକ କ୍ଷେତ୍ର ସହିତ ଗଣମାଧ୍ୟମର ରୂପ, ଆଭିମୁଖ୍ୟ, କାର୍ଯ୍ୟକଳାପରେ ଅଭୂତପୂର୍ବ ପରିବର୍ତ୍ତନ ଆସିଛି। ସାମ୍ପ୍ରତିକ ପରିସ୍ଥିତିରେ କ୍ରୋନୀ କେପିଟେଲିଜମ ତଥା ୟାର୍‌ନା ପୁଞ୍ଜିବାଦ(ଉତ୍କଟ ପୁଞ୍ଜିବାଦ) ଏବଂ ଟେକ୍ନୋଲୋଜି ଏହାର ପ୍ରମୁଖ କାରଣ। ଏହି ପରିବର୍ତ୍ତନ ଆଗାମୀ ଦିନରେ ଆହୁରି ତୀବ୍ରତର ହେବ ବୋଲି ବରଗଡ଼ ସାମ୍ବାଦିକ ଭବନରେ ବରଗଡ଼ ସାମ୍ବାଦିକ ସଂଘର ପୂର୍ବତନ ସମ୍ପାଦକ ତଥା ବରିଷ୍ଠ ଖବରଦାତା ସ୍ୱର୍ଗତ ଶାନ୍ତନୁ ବିଶ୍ୱାଳଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ 'ସାମ୍ପ୍ରତିକ ସ୍ଥିତି: ଗଣମାଧ୍ୟମର ପରିବର୍ତ୍ତିତ ରୂପ' ଶୀର୍ଷକ ଆଲୋଚନାଚକ୍ରରେ ମୁଖ୍ୟ ଆଲୋଚକଭାବେ ଯୋଗଦେଇ ପ୍ରଫେସର ଡ. ସୁଜିତ ପୃଷେଠ୍ ମତବ୍ୟକ୍ତ କରିଛନ୍ତି। ଓଡ଼ିଶା କ୍ଷେତ୍ରରେ ଖଣିବହୁଳ ଝାରସୁଗୁଡ଼ା ଅଞ୍ଚଳ ଏଭଳି କ୍ରୋନୀ କେପିଟେଲିଜମ ବା ୟାର୍‌ନା ପୁଞ୍ଜିବାଦ ବ୍ୟବସ୍ଥାର ପ୍ରକୃଷ୍ଟ ଉଦାହରଣ ବୋଲି ସେ କହିଥିଲେ। ଦେଶରେ ପ୍ରଚଳିତ କଳାଧନର ପ୍ରଭାବ ଗଣମାଧ୍ୟମ ଉପରେ ପଡୁଥିବାରୁ ଗଣମାଧ୍ୟମଗୁଡ଼ିକ ପ୍ରତ୍ୟକ୍ଷ ଓ ପରୋକ୍ଷଭାବେ ପୁଞ୍ଜିବାଦ ଏବଂ ରାଜନୈତିକ ସ୍ୱାର୍ଥକୁ ସୁରକ୍ଷା ଦେବାକୁ ଯାଇ କ୍ରମେ ସତ୍ୟଠାରୁ ଦୂରେଇ ଯାଉଥିବାରୁ ବିଶ୍ୱସନୀୟତା ହରାଇ ବସିଛନ୍ତି ଏବଂ ତାହା ଉଭୟ ଗଣତନ୍ତ୍ର ଓ ଗଣମାଧ୍ୟମ ପାଇଁ ଶୁଭଙ୍କର ବୋଲି କୁହାଯାଇପାରିବ ନାହିଁ ପ୍ରଫେସର ପୃଷେଠ୍ ମତପ୍ରକାଶ କରିଥିଲେ।

ସଂଘର ସଭାପତି ସୁରେନ୍ଦ୍ର ହୋତାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଆଲୋଚନାଚକ୍ରରେ ସଂଘର ପୂର୍ବତନ ସଭାପତି ସୁରେଶ୍ୱର ଶତପଥୀ ମୁଖ୍ୟଅତିଥିଭାବେ ଯୋଗଦାନ କରିଥିଲେ। ବରଗଡ଼ ସାମ୍ବାଦିକ ସଂଘର ଅତୀତ ଇତିହାସ ସମ୍ପର୍କରେ ସୂଚନା ଦେବା ସହିତ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ କିଭଳି ଏହି ସଂଘ କାର୍ଯ୍ୟ କରି ଆସିଛି ଏବଂ ସ୍ୱର୍ଗତ ବିଶ୍ୱାଳ ତାଙ୍କ ଜୀବନକାଳରେ ସ୍ୱାର୍ଥ ନୁହେଁ, ସାମାଜିକ ଲଢ଼େଇ କରି ନିଜକୁ ସମର୍ପିତ କରିଥିଲେ ବୋଲି ଶତପଥୀ କହିଥିଲେ। ଆନ୍ତର୍ଜାତିକ ପ୍ରଶିକ୍ଷକ ଜୟପ୍ରକାଶ ଶତପଥୀ ଆଲୋଚ୍ୟ ପ୍ରସଙ୍ଗ ଉପରେ ତାଙ୍କର ଭିତ୍ତିନିବନ୍ଧ ଉପସ୍ଥାପନ କରି ଗଣମାଧ୍ୟମ କିଭଳି କର୍ପୋରେଟ୍ ଇକୋନୋମୀ ଦ୍ୱାରା ପରୋକ୍ଷରେ ନିୟନ୍ତ୍ରିତ ହେଉଛି, ସେ ଉପରେ ତଥ୍ୟାତ୍ମକ ବିବରଣୀ ଉପସ୍ଥାପନ କରିଥିଲେ। କର୍ପୋରେଟ୍ ପ୍ରଭାବରେ ଗଣମାଧ୍ୟମ ନିରପେକ୍ଷ ରହିପାରୁ ନ ଥିବା ଯୋଗୁ ଭାରତୀୟ ଗଣମାଧ୍ୟମ ବିଶ୍ୱସନିୟତା କ୍ରମାଗତଭାବେ ହ୍ରାସ ପାଉଥିବା ଦର୍ଶାଇବା ସହିତ ଏହାକୁ ଭାରତୀୟ ଗଣମାଧ୍ୟମ ଓ ଗଣତନ୍ତ୍ର ପ୍ରତି ଏକ ସାଂଘାତିକ ସଂକଟ ବୋଲି ସେ ଅଭିହିତ କରିଥିଲେ।

ଆଲୋଚନାରେ ଅଂଶଗ୍ରହଣ କରି ପୂର୍ବତନ ଲୋକସଭା ସାଂସଦ ଡ. ପ୍ରଭାସ ସିଂ ତାଙ୍କ ବକ୍ତବ୍ୟରେ ଭାରତୀୟ ଗଣତନ୍ତ୍ର ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଗଣମାଧ୍ୟମର ପ୍ରମୁଖ ଭୂମିକା ରହିଥିବା ଯୋଗୁ ଦେଶରେ ଗଣମାଧ୍ୟମ ପାଇଁ ଉପଯୁକ୍ତ ପରିବେଶ ସୃଷ୍ଟି କରିବା ସହିତ ଗଣମାଧ୍ୟମକୁ ନିରପେକ୍ଷଭାବେ କାର୍ଯ୍ୟ କରିବା ପାଇଁ ଆଇନଗତ ସୁରକ୍ଷା ଦିଆଯିବା ଏବଂ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ପ୍ରେସ କାଉନସିଲ ଢ଼ାଞ୍ଚାରେ ଏକ ପ୍ରଭାବଶାଳୀ ମିଡ଼ିଆ କାଉନସିଲ ଗଠନ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ସଂଘର ଉପସଭାପତି ବିରେନ୍ଦ୍ର ପ୍ରଧାନ କର୍ମଶାଳାର ଆଲୋଚ୍ୟ ପ୍ରସଙ୍ଗ ଉପରେ ମନ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ବୁଦ୍ଧିଜୀବୀ, ସଚେତନ ନାଗରିକଙ୍କ ସମେତ ସଂଘର ସମସ୍ତ କର୍ମକର୍ତ୍ତା, ସଭ୍ୟବୃନ୍ଦ ଯୋଗଦାନ କରିଥିଲେ।

## ବଦଳି ପରେ ଦାୟିତ୍ୱ ହସ୍ତାନ୍ତର କରୁ ନାହାନ୍ତି ପିଇଓ
# ବିଡିଓଙ୍କୁ ଫେରାଦ ହେଲେ ସରପଞ୍ଚ, ୱାର୍ଡସଭ୍ୟ

ପଦ୍ମପୁର, ୧୩।୯(ପ୍ରଦୀପ୍ତ ଦାଶ)

ବରଗଡ଼ ଜିଲା ପଦ୍ମପୁର ବ୍ଲକ ଦହିଗାଁ ପଞ୍ଚାୟତ ନିର୍ବାହୀ ଅଧିକାରୀ(ପିଇଓ)ଙ୍କ ବିରୋଧରେ ବିଡିଓଙ୍କୁ ଫେରାଦ ହୋଇଛନ୍ତି ଉକ୍ତ ପଞ୍ଚାୟତର ଜନ ପ୍ରତିନିଧି। ସରପଞ୍ଚ, ନାଏବ ସରପଞ୍ଚ ଓ ୱାର୍ଡସଭ୍ୟାସଭ୍ୟମାନେ ବିଡ଼ିଓ ବିଶ୍ୱନାଥ ସାହୁଙ୍କ ନିକଟରେ ଲିଖିତ ଅଭିଯୋଗ କରି କାର୍ଯାନୁଷ୍ଠାନ ପାଇଁ ଦାବି କରିଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ଯେ, ପିଇଓ ନୁରା ସେଠଙ୍କର ଦୀର୍ଘ ଏକ ମାସ ହେବ ବଦଳି ହୋଇଥିଲେ ବି ସେ ଦାୟିତ୍ୱ ହସ୍ତାନ୍ତର କରୁନାହାନ୍ତି। ଫଳରେ ପଞ୍ଚାୟତର ଉନ୍ନୟନ କାର୍ଯ୍ୟ ବ୍ୟାହତ ହୋଇଯାଇଛି। ସେମାନେ ଆହୁରି ଅଭିଯୋଗ କରିଛନ୍ତି ଯେ ପିଇଓ ସେଠ ପଞ୍ଚାୟତର କ୍ୟାଶବୁକ, ପାଶବୁକ ସରପଞ୍ଚଙ୍କୁ ଦେଖାଉ ନାହାନ୍ତି। ଗ୍ରୀଷ୍ମଋତୁର ଜଳଛତ୍ର ଟଙ୍କା ହିତାଧିକାରୀ ଏ ପର୍ଯ୍ୟନ୍ତ ପାଇନାହାନ୍ତି। ବନ୍ଧ, ପୋଖରୀରୁ ଆଦାୟ ହୋଇଥିବା ପ୍ରାୟ ୪ରୁ ୫ଲକ୍ଷ ଟଙ୍କା ପଞ୍ଚାୟତ ପାଣ୍ଠିରେ ଆଜି ପର୍ଯ୍ୟନ୍ତ ଜମା ହୋଇନାହିଁ। ଅଭିଯୋଗ ପାଇଲା ପରେ ବିଡ଼ିଓ ସାହୁ ପିଇଓଙ୍କୁ କାରଣଦର୍ଶାଅ ନୋଟିସ ଜାରି କରିବା ସହିତ ବିହିତ କାର୍ଯାନୁଷ୍ଠାନ ନିଆଯିବ ବୋଲି ଜନ ପ୍ରତିନିଧିଙ୍କୁ କହିଥିଲେ। ପରେ ପ୍ରତିନିଧି ଗଣ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀଙ୍କୁ ଭେଟି ମଧ୍ୟ ଅନୁରୂପ ଦାବି ଜଣାଇଥିଲେ। ଦାବିପତ୍ର ପ୍ରଦାନ ସମୟରେ ସରପଞ୍ଚ ଚଞ୍ଚଳା ଦାଶ, ନାଏବ ସରପଞ୍ଚ ପ୍ରହଲ୍ଲାଦ ବେଶ୍ରା, ୱାର୍ଡସଭ୍ୟ ଦିପ୍ତି ପୋଡ, ପ୍ରଭାତୀ ବେହେରା, ଲବ୍ୟା ସାହୁ, ପୁଷ୍ପାଞ୍ଜଳି ସାହୁ, କବିରାଜ ପଟେଲ, ଦୂର ବରିହା, ସୁଶୀଲ ବରିହା ପ୍ରମୁଖ ଉପସ୍ଥିତ ଥିଲେ।


ବିଡିଓଙ୍କୁ ସରପଞ୍ଚ, ୱାର୍ଡସଭ୍ୟ ଲିଖିତ ଅଭିଯୋଗପତ୍ର ଦେଉଛନ୍ତି।

# ଉମା ମାହେଶ୍ୱରୀ ଭୋଗ ମଣ୍ଡପ ପ୍ରତିଷ୍ଠା ମହୋତ୍ସବ


ପ୍ରତିଷ୍ଠା ଉତ୍ସବରେ ପୂଜକ, କର୍ତ୍ତାକର୍ତ୍ତା ଓ ଅତିଥି।

ସରଣ୍ଡା,୧୩।୯(ଯୁଧିଷ୍ଠିର ମହାପାତ୍ର)

ବରଗଡ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ବୁଗବୁଗାସ୍ଥିତ ମା' ଉମା ମାହେଶ୍ୱରୀ ମନ୍ଦିରର ଭୋଗ ମଣ୍ଡପ ପ୍ରତିଷ୍ଠା ମହୋତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଉମା ମହେଶ୍ୱରୀଙ୍କ ଅସ୍ଥାୟୀ ଭୋଗ ମଣ୍ଡପ ଥିଲା। ଭଲ ମଣ୍ଡପ ନିର୍ମାଣ ପାଇଁ ସରକାରୀ ସହାୟତା ମିଳୁ ନ ଥିଲା । ଫଳରେ ଗ୍ରାମବାସୀ ଭୂତିକ୍ରାର ସାମାଜିକ କର୍ମୀ ଫକିର କର୍ଣ୍ଣଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅନୁରୋଧ ପରେ ଫକୀର କର୍ଣ୍ଣ ଗ୍ରାମବାସୀଙ୍କ ସହଯୋଗରେ ମନ୍ଦିରକୁ ଲାଗି ଏକ ଭୋଗ ମଣ୍ଡପ ନିର୍ମାଣ କରାଇଥିଲେ। ପ୍ରତିଷ୍ଠା ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ଡ଼. ବିଦ୍ୟୁଭୂଷଣ ମିଶ୍ର, ରେଜିଷ୍ଟ୍ରାର ଡ଼. ନୃପରାଜ ସାହୁ, ବୁଗବୁଗା ସରପଞ୍ଚ ସହଦେ ଛନ୍ଦ, ମନ୍ଦିର ପୂଜକ ଲିଙ୍ଗ ପ୍ରଧାନ ଓ ଗୟାନାନ ମହାକୁର, ବରଗଡ ମାହେଶ୍ୱରୀ ନର୍ସିଂ କଲେଜ ଅଧକ୍ଷା ସୁନିତା ରାଣୀ ବାଗ ପ୍ରମୁଖ ଯୋଗ ଦେଇଥିଲେ। ଫକୀର କର୍ଣ୍ଣ ଓ ସନ୍ତୋଷିନୀ କର୍ଣ୍ଣ ସପତ୍ନୀକ କର୍ତ୍ତା ଦାୟିତ୍ୱ ବହନ କରିଥିଲେ। ପଣ୍ଡିତ ପରେଶ ମହାପାତ୍ର ପ୍ରତିଷ୍ଠା କାର୍ଯ୍ୟକ୍ରମରେ ପୂଜାର୍ଚ୍ଚନା କରିଥିଲେ।

# ବାର୍‌ହା ଫାଶରେ ଛେଳି ମୃତ: ବର୍ତ୍ତିଲେ ଚରାଳି

ଅମ୍ବାଭୋନା,୧୩।୯ (ଛନ୍ଦାଚରଣ ପ୍ରଧାନ)

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ବାରପାହାଡ଼ ଡେବ୍ରିଗଡ଼ ଅଭୟାରଣ୍ୟ ନିକଟ ଉତ୍ତମ-ଉଧେଇପାଲି ରାସ୍ତାପାର୍ଶ୍ୱରେ ଶିକାରୀମାନେ ବିଛାଇଥିବା ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ବୁଧବାର ୩ଛେଳିଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ଅନ୍ୟପଟେ ଛେଳି ଚରାଳି ଅଳ୍ପକେ ରକ୍ଷା ପାଇ ଯାଇଛନ୍ତି। ପ୍ରକାଶ ଯେ, ଉଧେଇପାଲି ଗ୍ରାମର ସୋଫା ବାଗ(୧୮) ବୁଧବାର ସକାଳୁ ଛେଳି ଚରାଇବାକୁ ଯାଇଥିଲେ। ତେବେ ଛେଳି ଚରାଉ ଥିବାବେଳେ ଦିନ ପ୍ରାୟ ୧୦ଟାରେ ୩ଛେଳି ଛଟପଟ ହୋଇ ସେଠାରେ ମୃତ୍ୟୁବରଣ କରିବାରୁ ସେ ପାରିପାର୍ଶ୍ୱିକ ସ୍ଥିତି ଦେଖିଥିଲେ। ବନ୍ୟଜନ୍ତୁ ଶିକାର ପାଇଁ ଶିକାରୀମାନେ ସେଠାରେ ହୁକ୍ ପକାଇ ବିଦ୍ୟୁତ ତାର ବିଛାଇ ଥିବା ସେ ଦେଖିବାକୁ ପାଇଥିଲେ। ଖବରପାଇ ବିଦ୍ୟୁତ ବିଭାଗର କର୍ମଚାରୀମାନେ ଘଟଣାସ୍ଥଳକୁ ପହଞ୍ଚି ସେଠାରେ ବିଛା ଯାଇଥିବା ବିଦ୍ୟୁତ ତାର ଜବତ କରିଥିଲେ। ସେହିପରି ସ୍ଥାନୀୟ ବନ କର୍ମଚାରୀମାନେ ମଧ୍ୟ ସେଠାକୁ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

# ମୌଳିକ ସାକ୍ଷରତା, ସଂଖ୍ୟାଜ୍ଞାନ ପୁସ୍ତକ ଉନ୍ମୋଚନ

ବରଗଡ଼,୧୩।୯(ପ୍ରେମାନନ୍ଦ ଖମାରୀ)

ବରଗଡ଼ ବ୍ଲକ ଶିକ୍ଷା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ନିଜସ୍ୱ ଏଫ୍‌ଏଲ୍‌ଏନ(ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ) ଅଭିନବ ପୁସ୍ତକ ଉନ୍ମୋଚିତ ହୋଇଯାଇଛି। ବ୍ଲକ ଶିକ୍ଷା ଅଧିକାରୀ ସେବାଶ୍ରୀ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜିଲା ଶିକ୍ଷା ଅଧିକାରୀ ମିତ୍ରଭାନୁ କଚ୍ଛପ ମୁଖ୍ୟଅତିଥି, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ ସ୍ୱତନ୍ତ୍ର ଅତିଥି, ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦିଲୀପ କୁମାର ମେହେର ଏବଂ ଲଳିତା ପ୍ରଧାନ ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ। ମୌଳିକ ସାକ୍ଷରତା ଏବଂ ସଂଖ୍ୟାଜ୍ଞାନକୁ ସୁଦୃଢ଼ କରିବା ପାଇଁ ସବୁଠି ବିଭିନ୍ନ କାର୍ଯ୍ୟକ୍ରମ ଚାଲୁଥିବାବେଳେ ବରଗଡ଼ ବ୍ଲକର ୨ଜଣ ରାଜ୍ୟ ସାଧନ କର୍ମୀ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜିକା ନମିତା ପଟ୍ଟନାୟକ ଏବଂ ଚକରକେନ୍ଦ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ପାର୍ବତୀ ଦାଶ ନିଜସ୍ୱ ପ୍ରଚେଷ୍ଟାରେ ପ୍ରଥମରୁ ତୃତୀୟ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ଘରଭାଷାରୁ ମାନବ ଭାଷା: ସଚିତ୍ର ଶବ୍ଦ ସମ୍ଭାର ନାମିତ ଏହି ପୁସ୍ତକ ରଚନା କରିଛନ୍ତି। ଠିକ୍ ସେହିପରି ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜିକା ନମିତା ପଟ୍ଟନାୟକ ଠିକ୍ କ୍ରମରେ ଓଡ଼ିଆ ବର୍ଣ୍ଣମାଳା ଲିଖନ: ଏକ ଜରୁରୀ ପଦକ୍ଷେପ ନାମକ ପୁସ୍ତକ ବିଶେଷକରି ଏଫଏଲଏନ ଛାତ୍ରୀଛାତ୍ର ସହଜ, ସୁନ୍ଦର ଏବଂ ସଠିକ୍ କ୍ରମରେ ଓଡ଼ିଆ ବର୍ଣ୍ଣମାଳା ଲେଖିବା ପାଇଁ ରଚନା କରିଛନ୍ତି । ଉଭୟ ପୁସ୍ତକ ରଚନା କରିବା ପାଇଁ ବ୍ଲକ ଶିକ୍ଷା ଅଧିକାରୀ ଭୋଇ ସାଧନକର୍ମୀଙ୍କୁ ପ୍ରୋତ୍ସାହିତ କରିଥିଲେ। ବରଗଡ଼ ବ୍ଲକର ସମସ୍ତ ପ୍ରାଥମିକ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ, ଶିକ୍ଷକ ତଥା ସମସ୍ତ ସିଆରସିସିଙ୍କ ଉପସ୍ଥିତିରେ ଉଭୟ ପୁସ୍ତକ ଉନ୍ମୋଚିତ ହୋଇଛି। ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲଳିତା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।



ଅତିଥିବୃନ୍ଦ ପୁସ୍ତକ ଉନ୍ମୋଚନ କରୁଛନ୍ତି ।

# ସରେଇକେଲା ପଞ୍ଚାୟତ ଅଫିସ ଘେରିଲା ଭାଜପା

ପାଇକମାଳ, ୧୩।୯(ବଡ ଶତପଥି)

ବରଗଡ ଜିଲା ପାଇକମାଳ ବ୍ଲକ ସରେଇକେଲା ପଞ୍ଚାୟତ ଅଫିସକୁ ବୁଧବାର ଭାଜପା ପକ୍ଷରୁ ଘେରାଉ କରାଯାଇଥିଲା। ସେଠାରେ ଜିଲା ଉପସଭାପତି ସରୋଜ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଯୋଗଦେଇ ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ସେ କହିଥିଲେ ଯେ, ଯୋଗ୍ୟ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ମିଳୁନାହିଁ। ଉନ୍ନୟନମୂଳକ କାମ ପାଇଁ ପଞ୍ଚାୟତକୁ ଆସୁଥିବା ଟଙ୍କା ବାଟମାରଣା ହେଉଛି। ଧାନ କୁଇଣ୍ଟାଲ ପ୍ରତି ଶହେ ଟଙ୍କା ବୋନସ ଘୋଷଣା କରି ଚାଷୀଙ୍କୁ ମୁଖ୍ୟମନ୍ତ୍ରୀ ପ୍ରତାରଣା କରିଛନ୍ତି। ୨୦୨୪ ନିର୍ବାଚନରେ ନବୀନ ସରକାର ପରିବର୍ତ୍ତନ ନ ହେଲେ ରାଜ୍ୟ ରସାତଳକୁ ଯିବ। ସଭାରେ ମାଣ୍ଡୋସିଲ ମଣ୍ଡଳ ସଭାପତି ସଞ୍ଜୟ ବେହେରା, ପାଇକମାଲ ମଣ୍ଡଳ ସଭାପତି କୈଳାଶ ଦିଶ୍ରୀ, ସରପଞ୍ଚ ଓମ ପ୍ରକାଶ ନାୟକ, ତୁଳାବତୀ ତାଣ୍ଡି, ସମିତି ସଭ୍ୟ ନିରୂପମା ନାଗ, ଜିଲା ପରିଷଦ ସଭ୍ୟ ସୁରେନ୍ଦ୍ର ପ୍ରତାପ ସିଂହ ବରିହା, ତ୍ରିପୁରା ବରିହା, ସୁବାଷିନୀ ପ୍ରଧାନ ଉପସ୍ଥିତ ଥିଲେ। ସ୍ଥାନୀୟ ଶିବ ମନ୍ଦିର ନିକଟରୁ ମଣ୍ଡଳ ସଭାପତି ଭୀଷ୍ମଦେବ ସାହୁଙ୍କ ନେତୃତ୍ୱରେ କର୍ମୀମାନେ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖକୁ ଆସିଥିଲେ ।

# ଗଳାକାଟି ବୃଦ୍ଧଙ୍କୁ ହତ୍ୟା

ବରଗଡ଼,୧୩।୯(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ମେଲଛାମୁଣ୍ଡା ଥାନା ତଥା ଗାଇସିଲେଟ ବ୍ଲକ ଅନ୍ତର୍ଗତ କୁଣ୍ଡାଖାଇ ଗ୍ରାମରେ ମଙ୍ଗଳବାର ବିଳମ୍ବିତ ରାତିରେ ଜଣେ ବୃଦ୍ଧଙ୍କୁ ହତ୍ୟା କରାଯାଇଛି। ମୃତ ବୃଦ୍ଧ ଜଣକ ହେଲେ ଉକ୍ତ ଗ୍ରାମର ଶ୍ୟାମସୁନ୍ଦର ପ୍ରଧାନ(୮୫)। ଦୁର୍ବୃତ୍ତମାନେ କୌଣସି ଧାରୁଆ ଅସ୍ତ୍ରରେ ଗଳାକାଟି ତାଙ୍କୁ ହତ୍ୟା କରିଛନ୍ତି। ମେଲଛାମୁଣ୍ଡା ଥାନା ପୋଲିସ ସାଇଣ୍ଟିଫିକ୍ ଟିମ୍ ଏବଂ ସନ୍ଧାନୀ କୁକୁର ସହିତ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସେହିପରି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଦ୍ମପୁର ପଠାଯାଇଛି। ଏ ନେଇ ଏକ ହତ୍ୟା ମାମଲା ରୁଜୁ କରି ପୋଲିସ ଅଧିକ ତଦନ୍ତ କରୁଛି।

ପ୍ରକାଶ ଯେ, ଗ୍ରାମର ୨ଟି ସ୍ଥାନରେ ଶ୍ୟାମସୁନ୍ଦରଙ୍କ ଘର ରହିଛି। ରାସ୍ତାର ଗୋଟିଏ ପାର୍ଶ୍ୱରେ ନୂଆଘର, ଅନ୍ୟପାର୍ଶ୍ୱରେ ପୁରୁଣା ଘର ରହିଛି। ତେବେ ବୃଦ୍ଧ ପୁରୁଣା ଘରେ ଏକାକୀ ରହୁଥିବାବେଳେ ପରିବାରର ଅନ୍ୟମାନେ ନୂଆଘରେ ରହୁଥିଲେ। ନୂଆଘରକୁ ଆସିବା ପାଇଁ ଶ୍ୟାମସୁନ୍ଦରଙ୍କୁ ପରିବାର ଲୋକେ ବାରମ୍ବାର କହୁଥିବା ସତ୍ତ୍ୱେ ସେ ପୁରୁଣା ଘରକୁ ଛାଡ଼ିବାକୁ ରାଜି ହେଉ ନ ଥିଲେ ଏବଂ ସେଠାରେ ରହୁଥିଲେ ବୋଲି ପରିବାର ଲୋକେ କହିଛନ୍ତି ।

ତେବେ ଅନ୍ୟଦିନ ଭଳି ମଙ୍ଗଳବାର ରାତିରେ ଶ୍ୟାମସୁନ୍ଦରଙ୍କ ପାଖକୁ ପୁତ୍ରବଧୂ ରାତିଭୋଜନ ନେଇଯାଇଥିଲେ। ସେ ଖାଇ ସାରିବା ପରେ ପୁତ୍ରବଧୂ ପୁଣି ନୂଆଘରକୁ ଆସିଥିଲେ। ସେହିପରି ରାତି ୧୦ଟା ପର୍ଯ୍ୟନ୍ତ ଶ୍ୟାମସୁନ୍ଦରଙ୍କ ସହିତ ତାଙ୍କ ପୁଅମାନେ ଥିଲେ ଏବଂ ପରେ ନୂଆଘରକୁ ଆସିଥିଲେ। ଅନ୍ୟପଟେ ବୁଧବାର ସକାଳୁ ପୁତ୍ରବଧୂ ସବୁଦିନ ଭଳି ଜଳଖିଆ ଧରି ଶ୍ୟାମସୁନ୍ଦରଙ୍କ ପାଖକୁ ଯାଇଥିବାବେଳେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ସେ ପଡ଼ିଥିବା ଦେଖି ଚକିତ ହୋଇଥିଲେ। ପରିବାରର ଅନ୍ୟମାନଙ୍କୁ ଖବର ଦେଇଥିଲେ। ଏହାପରେ ସୂଚନା ପାଇ ପୋଲିସ ଘଟଣାସ୍ଥଳକୁ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା।

# ବିଧାୟକଙ୍କ ଅଫିସରେ ବିଜେଡିର ମିଶ୍ରଣ ପର୍ବ

ବରଗଡ଼,୧୩।୯(ପ୍ରେମାନନ୍ଦ ଖମାରୀ)

ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କ କାର୍ଯ୍ୟାଳୟରେ ବୁଧବାର ସନ୍ଧ୍ୟାରେ ବିଜେଡ଼ିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ଦଳର ବରପାଲି ବ୍ଲକ ସଭାପତି ଅଧିକାରୀ ବାରିକଙ୍କ ଉପସ୍ଥିତିରେ ଅନ୍ୟଦଳର ବହୁକର୍ମୀ ବିଜେଡିରେ ସାମିଲ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ବରଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧିନ ବାଗବାଡ଼ି ଜୋନର ଉତ୍ତମ ମେହେର, ରାଜେଶ ସାହୁ, ଗାନ୍ଧୀ ଭୁଏ, ଆଦିତ୍ୟ ସାହୁ, ପୃଥ୍ୱୀ ସାହୁ, ନରେଶ ବେହେରା, ନାଗେଶ୍ୱର ପ୍ରଧାନ, ବିକ୍ରମ ବେହେରା, ଚାନ୍ଦ ମେହେର, ଅଜିତ ସେଠ, ବସନ୍ତ ସେଟ, କ୍ଷୀରୋଦ ମେହେର, ଶେଷଦେବ ମେହେର, ସୁନୀଲ ବାଗ, ପ୍ରିନ୍ସ ଗଡ଼ତିଆ, ପବିତ୍ର ସାହୁ, ମିଳନ ମେହେର, ରୋହିତ ସାହୁ, ମୁକେଶ ବେହେରା, ପାଣ୍ଡବ ମେହେର, ରଜତ ବେହେରା ପ୍ରମୁଖ ରହିଛନ୍ତି ବୋଲି ବିଧାୟକଙ୍କ କାର୍ଯ୍ୟାଳୟରୁ ସୂଚନା ଦିଆଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଦର୍ଶ ଏବଂ ବିଧାୟକ ଆଚାର୍ଯ୍ୟଙ୍କ କାର୍ଯ୍ୟଶୈଳୀରେ ଆକୃଷ୍ଟ ହୋଇ ସେମାନେ ବିଜେଡ଼ିରେ ସାମିଲ ହୋଇଥିବା କହିଛନ୍ତି। ବିଧାୟକ ଆଚାର୍ଯ୍ୟ ସେମାନଙ୍କୁ ସ୍ୱାଗତ କରିବା ସହିତ ସେମାନଙ୍କ ମିଶ୍ରଣରୁ ଦଳୀୟ ସଙ୍ଗଠନ ଆହୁରି ସୁଦୃଢ଼ ହେବ ବୋଲି କହିଛନ୍ତି।

# ସ୍ମୃତିସଭାରେ ଶ୍ରଦ୍ଧାଞ୍ଜଳି ଅର୍ପଣ

ବରଗଡ଼,୧୩।୯(ପ୍ରେମାନନ୍ଦ ଖମାରୀ)

ବରଗଡ଼ ବ୍ଲକ ବୁଦେଲପାଲି ଗ୍ରାମରେ ବରିଷ୍ଠ ଖବରଦାତା ଶାନ୍ତନୁ ବିଶ୍ୱାଳଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ସୁଭାଷ ଯୁବକ ସଂଘ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଂଘ ସଭାପତି ଓକିଲ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ପଣ୍ଡିତ ଗୋପବନ୍ଧୁ ପୁରୋହିତ ମୁଖ୍ୟ ଅତିଥିଭାବେ ଯୋଗଦେଇ ପଶ୍ଚିମ ଓଡ଼ିଶାର କଳା, ସାହିତ୍ୟ, ସଂସ୍କୃତିର ବିକାଶ ତଥା ପ୍ରଚାରରେ ସ୍ୱର୍ଗତ ବିଶ୍ୱାଳଙ୍କ ଅବଦାନ ଅବର୍ଣ୍ଣନୀୟ ବୋଲି କହିଥିଲେ। ଶିଶୁ ସାହିତ୍ୟିକ ଡ. ରବିନାରାୟଣ ସାହୁ ବରଗଡ଼ ଧନୁଯାତ୍ରାକୁ ବିଶ୍ୱ ଦରବାରରେ ପହଞ୍ଚାଇବାରେ ସ୍ୱର୍ଗତ ବିଶ୍ୱାଳଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିବା କହିଥିଲେ। ଆବାହକ ପ୍ରଦୀପ ମାହାର, ଭୀଷ୍ମଦେବ ବିଶ୍ୱାଳ, ତେଜରାଜ ବିଶ୍ୱାଳ, ଡ. ସୁଭାଷ ବିଶ୍ୱାଳ, ପିଙ୍କୁ ବିଶ୍ୱାଳ, ଭୋଜରାଜ ପ୍ରଧାନ, ଚକ୍ରପାଣି ପୋଢ଼, ବୁଲୁରାଜ ଜାଲ, ବଳରାମ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।


ସ୍ମୃତିସଭାରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି ।

# ପଦ୍ମପୁରରେ ଆଦିବାସୀ ସମାବେଶ

ପଦ୍ମପୁର, ୧୩।୯ (ପ୍ରଦୀପ୍ତ ଦାଶ )



ପଦ୍ମପୁର ଉପଜିଲାପାଳଙ୍କ କାର୍ଯାଳୟ ସମ୍ମୁଖରେ ଆଦିବାସୀମାନେ ସମବେତ ହୋଇଛନ୍ତି ।

୧୩ ଦଫା ଦାବି ନେଇ ପଶ୍ଚିମ ଓଡ଼ିଶା ଆଦିବାସୀ ମହାସଂଘ ବରଗଡ଼ ଜିଲା କମିଟି ତରଫରୁ ବୁଧବାର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ସମାବେଶ କରାଯାଇଥିଲା। ପଶ୍ଚିମ ଓଡ଼ିଶା ଆଦିବାସୀ ମହାସଂଘ ବରଗଡ଼ ଜିଲା ସଭାପତି ଗୋବିନ୍ଦ ବରିହା, ସମ୍ପାଦକ ତ୍ରିଲୋଚନ ଭୁଏ, ପଦ୍ମପୁର ବ୍ଲକ ସଭାପତି ବାମନ ଧରୁଆ, ଶଶୀଭୂଷଣ ବରିହା, ଚେରୁ ବରିହା, ଚୈତନ୍ୟ ପ୍ରସାଦ ବରିହା, ପୂର୍ବତନ ଜିଲା ସଭାପତି ପାଣ୍ଡବ ବରିହା ପ୍ରମୁଖ ଆଦିବାସୀଙ୍କ ପ୍ରତି ବଢୁଥିବା ନିର୍ଯାତନା ଓ ସାମଗ୍ରିକ ବିକାଶ ଉପରେ ଆଲୋଚନା କରାଯାଇଥିଲା। ଜଙ୍ଗଲ ଜମି ଅଧିକାର ପ୍ରଦାନ, ସରକାରୀ ଚାକିରିଠାରୁ ବିଭିନ୍ନ ବ୍ୟବସ୍ଥାପିକା ସଭାରେ ଥିବା ନକଲି ଆଦସିବାସୀଙ୍କୁ ଚିହ୍ନଟ କରି ତୁରନ୍ତ ହଟାଇବାକୁ ସମାବେଶରେ ଦାବି କରାଯାଇଥିଲା। ଅଭିଯୋଗ ସତ୍ତ୍ୱେ ପାଇକମାଳ ବ୍ଲକ ଭାଇସ ଚେୟାରମ୍ୟାନଙ୍କ ବିରୋଧରେ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ନେଉନ ଥିବାରୁ ସମାବେଶରେ ବିକ୍ଷୋଦ୍‌ଗାର କରାଯାଇଥିଲା। ଏଥିପୂର୍ବରୁ ଗୋରୁ ବଜାର ପ୍ରାଙ୍ଗଣରୁ ଆଦିବାସୀମାନେ ଏକ ଶୋଭାଯାତ୍ରାରେ ବାହାରି ଉପଜିଲାପାଳ କାର୍ଯ୍ୟାଳୟ ଅଭିମୁଖେ ଯାଇଥିଲେ। ଏଥିପାଇଁ ଅନିର୍ଦ୍ଦିଷ୍ଟ କାଳ ଆନ୍ଦୋଳନ ଆଗକୁ ଯାରି ରହିବ ବୋଲି ସଂଘ ଚେତାବନୀ ଦେଇଛି।

## ସଂକ୍ଷେପରେ

### କାମରେ ଯାଇଥିବା ଠିକା କର୍ମଚାରୀଙ୍କ ମୃତଦେହ ଜବତ

ରାଉରକେଲା, ୧୩।୯ (ବିପ୍ଳବ ରଞ୍ଜନ ଦାଶ)

ବୁଧବାର ଆର୍‌ଏସ୍‌ପି କୋକ ଓଭେନ ବ୍ୟାଟେରୀ ନମ୍ବର-୬ ନିକଟସ୍ଥ ଡ୍ରେନରୁ ଜନୈକ ଠିକା କର୍ମଚାରୀଙ୍କର ମୃତଦେହ ଜବତ କରିଛି ଟାଙ୍ଗରପାଲି ପୋଲିସ। ମୃତକ ଜଣକ ଫର୍ଟିଲାଇଜର ନିବାସୀ ଗଙ୍ଗା ବାହାଦୁର ଲାମ୍ବା ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ତେବେ ବିଳମ୍ବିତ ରାତିରେ ଡ୍ରେନରୁ ଉକ୍ତ ମୃତଦେହ ଉଦ୍ଧାର କରାଯାଇ ଆର୍‌ଜିଏଚ ମର୍ଗ ହାଉସରେ ରଖାଯାଇଛି। ମୃତକଙ୍କ ପରିବାରରେ ସ୍ତ୍ରୀ ଓ ଦୁଇ ସନ୍ତାନ ଥିବା ଜଣାପଡିଛି। ବୁଧବାର ସକାଳ ୧୦ଟାରେ ଦୈନନ୍ଦିନ ଭଳି ନିଜ କାମରେ ଠିକା କର୍ମଚାରୀ ଜଣକ ସାଇକେଲରେ ଯାଇଥିବାବେଳେ ରାତିରେ ତାଙ୍କ ମୃତଦେହ କୋକ ଓଭେନ ବ୍ୟାଟେରୀ ନମ୍ବର-୬ରୁ ଜବତ ହୋଇଥିବାରୁ ଏହା ହତ୍ୟା ନା ଆଉ କିଛି ତାହା ଏଯାଏଁ ଜଣାପଡିନାହିଁ।

### ବାଇକ୍ ଚୋରି ର୍‍ୟାକେଟରେ ସମ୍ପୃକ୍ତ ଥିବା ଅଭିଯୁକ୍ତ କୋର୍ଟ ଚାଲାଣ

ରାଉରକେଲା, ୧୩।୯ (ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ଉଦିତ ନଗର ପୋଲିସ ପକ୍ଷରୁ ୬ମାସ ତଳେ ଘଟିଥିବା ବାଇକ୍ ଚୋରି ର୍‍ୟାକେଟ ଘଟଣାରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କୁ ବୁଧବାର ସକାଳେ ଗିରଫ କରାଯାଇଛି। ସମ୍ପୃକ୍ତ ଅଭିଯୁକ୍ତ ଦୀର୍ଘ ୬ମାସ ହେଲା ଫେରାର ଥିଲେ। ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ରାଉରକେଲା ବାଲୁଘାଟରୁ ଗିରଫ କରିଛି ଉଦିତନଗର ପୋଲିସ। ଅଭିଯୁକ୍ତ ଜଣକ ହେଲେ ବଣେଇ କିନ୍ଦିରିକେଲା ଗ୍ରାମର ରାକେଶ ଗୌଡ(୩୫)। ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

# ବନ୍ଦେ ଭାରତ ଏକ୍ସପ୍ରେସ ରାଉରକେଲାବାସୀଙ୍କୁ ଭେଟି



ରାଉରକେଲା ରେଳଷ୍ଟେଶନ।



ଟ୍ରାଏଲ ରନ୍ ବେଳେ ବନ୍ଦେ ଭାରତ ଏକ୍ସପ୍ରେସ।

■ ଖୁବ୍‌ଶୀଘ୍ର ପୁରୀରୁ ରାଉରକେଲା ଗଡ଼ିବ ବନ୍ଦେ ଭାରତ ଏକ୍ସପ୍ରେସ

■ ରେଳଯାତ୍ରୀ, ରାଜନୈତିକ ଦଳର ନେତାଙ୍କ ପ୍ରତିକ୍ରିୟା

ରାଉରକେଲା, ୧୩।୯ (ବିପ୍ଳବ ରଞ୍ଜନ ଦାଶ)

ଖୁବଶୀଘ୍ର ପୁରୀରୁ ରାଉରକେଲାକୁ ଗଡିବାକୁ ଯାଉଛି ବନ୍ଦେ ଭାରତ ଏକ୍ସପ୍ରେସ୍। ଗତ ସୋମବାର ଏହି ଟ୍ରେନ୍‌ର ଟ୍ରାଏଲ ରନ୍ ପୁରୀରୁ ତାଳଚେର ମଧ୍ୟରେ ହୋଇଥିଲା। ଟ୍ରାଏଲ ରନ୍ ହୋଇଥିବାରୁ ଏହି ଟ୍ରେନ୍ ଚାଲିବା ନିଶ୍ଚିତ ହୋଇଯାଇଛି। ପୁରୀରୁ ରାଉରକେଲାକୁ ବନ୍ଦେ ଭାରତ ଏକ୍ସପ୍ରେସ ଚାଲିବ ବୋଲି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ପୂର୍ବରୁ ଘୋଷଣା କରିଥିଲେ। ତାଙ୍କ ଘୋଷଣା ଏବେ କାର୍ଯ୍ୟକାରୀ ହେବାକୁ ଯାଉଛି। ମେ ମାସରେ ଯେତେବେଳେ ହାଓଡ଼ା ପୁରୀ ମଧ୍ୟରେ ବନ୍ଦେ ଭାରତ ଏକ୍ସପ୍ରେସ ଚଳାଚଳ ଆରମ୍ଭ କରିଥିଲା ସେତେବେଳେ ରାଉରକେଲାକୁ ବନ୍ଦେ ଭାରତ ଏକ୍ସପ୍ରେସ ଚାଲୁ ବୋଲି ଦାବି ହୋଇଥିଲା। ତାହା ବାସ୍ତବ ରୂପ ନେବାକୁ ଯାଉଛି। ପୁରୀରୁ ଖୋର୍ଦ୍ଧାରୋଡ଼, ଭୁବନେଶ୍ୱର, କଟକ, ଢେଙ୍କାନାଳ, ଅନୁଗୋଳ, ସମ୍ବଲପୁର ସିଟି, ଝାରସୁଗୁଡ଼ା ହୋଇ ରାଉରକେଲାକୁ ବନ୍ଦେ ଭାରତ ଚଳାଚଳ କରିବ। ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଖାଇ ଅବସରରେ ରାଉରକେଲାକୁ ବନ୍ଦେ ଭାରତ ଚଳାଚଳ କରିବାକୁ ଯାଉଥିବାରୁ ପଶ୍ଚିମ ପଡ଼ିଶାବାସୀ ତଥା ରାଉରକେଲାବାସୀଙ୍କୁ ଏହା ରେଳ ବିଭାଗ ଓ କେନ୍ଦ୍ର ସରକାରଙ୍କ ଭେଟି ବୋଲି ଲୋକେ କହିଛନ୍ତି। ବନ୍ଦେ ଭାରତ ଏକ୍ସପ୍ରେସ ରାଉରକେଲା ପର୍ଯ୍ୟନ୍ତ ଗଡ଼ିବାକୁ ଯାଉଥିବାରୁ ଏନେଇ ସହରରେ ବେଶ୍ ଚର୍ଚ୍ଚା ହେଉଛି। ରାଉରକେଲା ସହର ରେଳଯାତ୍ରୀଙ୍କ ମହଲରେ ବେଶ ଉତ୍ସାହଉଦ୍ଦୀପନା ଦେଖାଦେଇଛି। ସହରର ରେଳଯାତ୍ରୀ ଏବଂ ବିଭିନ୍ନ ରାଜନୈତିକ ଦଳର ନେତାମାନଙ୍କ ପକ୍ଷରୁ ଏନେଇ ପ୍ରତିକ୍ରିୟା ପ୍ରକାଶ ପାଇଛି। ରାଉରକେଲା ସହରର ରେଳଯାତ୍ରୀ ଜୟନ୍ତୀ ଦାସ କୁହନ୍ତି, ବନ୍ଦେ ଭାରତ ଏକ୍ସପ୍ରେସ ନିଶ୍ଚିତ ଭାବେ ସହରବାସୀଙ୍କୁ ଜଗନ୍ନାଥ ଧାମକୁ ଯୋଡିବାର ମୁଖ୍ୟ ବାହନ ସାବ୍ୟସ୍ତ ହେବ। କମ ସମୟ ମଧ୍ୟରେ ଯିବାଆସିବା କରିହେବ। ବହୁବ୍ୟବସ୍ଥା ସମ୍ପନ୍ନ ବନ୍ଦେ ଭାରତ ଏକ୍ସପ୍ରେସରେ ଯାତ୍ରା ପାଇଁ ଉତ୍ସାହିତ ରହିଛି। ବନ୍ଦେ ଭାରତ ଏକ୍ସପ୍ରେସ ଗଡିଲେ ପ୍ରଥମେ ଶ୍ରୀକ୍ଷେତ୍ର ଧାମ ଯାଇ ମହାପ୍ରଭୂଙ୍କୁ ଦର୍ଶନ କରିବି ବୋଲି କହିଥିଲେ। ଅନ୍ୟ ଜଣେ ରେଳଯାତ୍ରୀ ପଞ୍ଚାନନ ପାତ୍ର କୁହନ୍ତି, ବନ୍ଦେ ଭାରତ ଏକ୍ସପ୍ରେସ ନିଶ୍ଚିତ ରାଉରକେଲା ସହରବାସୀଙ୍କ ନିମନ୍ତେ ଲାଭଦାୟକ ସାବ୍ୟସ୍ତ ହେବ। କାରଣ ପ୍ରତିଦିନ ରାଉରକେଲା ସହରରୁ ଶ୍ରୀକ୍ଷେତ୍ର ଧାମକୁ ଶହଶହ ଲୋକ ଯାତ୍ରା କରୁଛନ୍ତି। ଏହା ଗଡିଲେ ଜଗନ୍ନାଥପ୍ରେମୀ ବିଶେଷ ଲାଭବାନ ହେବେ ବୋଲି କହିଥିଲେ। ଏନେଇ ରଘୁନାଥପାଲି ବିଧାୟକ ସୁବ୍ରତ ତରାଇ କୁହନ୍ତି, ବନ୍ଦେ ଭାରତ ଏକ୍ସପ୍ରେସ ନିଶ୍ଚିତ ସ୍ୱାଗତଯୋଗ୍ୟ ପଦକ୍ଷେପ। ନିଶ୍ଚିତ ଭାବେ ଏହାଦ୍ୱାରା ସହରର ବ୍ୟବସାୟୀମାନେ ଲାଭବାନ ହେବେ। ମାତ୍ର ଏହା ସହିତ ରାଉରକେଲା ରେଳଷ୍ଟେସନ ଭିତ୍ତିଭୂମି ଓ ଦକ୍ଷିଣ-ପୂର୍ବ ରେଳପଥର ଉନ୍ନତିକରଣ ମଧ୍ୟ ଆବଶ୍ୟକ। ୧୬୦ କିମି.ବେଗରେ ବନ୍ଦେ ଭାରତ ଏକ୍ସପ୍ରେସ ଗତିମାନ ହେବ। ଏଣୁକରି ଯାତ୍ରୀଙ୍କର ସୁରକ୍ଷା, ନିରାପତ୍ତା ବ୍ୟବସ୍ଥା କଡାକଡି ହେବା ଆବଶ୍ୟକ ବୋଲି କହିଥିଲେ। ଏହା ସହିତ ଗରିବ ଲୋକ ଓ ବିପିଏଲ ବର୍ଗର ଯାତ୍ରୀଙ୍କ ପାଇଁ ବନ୍ଦେ ଭାରତ ଏକ୍ସପ୍ରେସରେ ରେଳଭଡାରେ ରିହାତି ମିଳିବା ମଧ୍ୟ ଆବଶ୍ୟକ ବୋଲି କହିଥିଲେ। ରାଜ୍ୟ ଭାଜପା ମୁଖପାତ୍ର ଧିରେନ ସେନାପତି କୁହନ୍ତି, ବନ୍ଦେ ଭାରତ ଏକ୍ସପ୍ରେସ କେନ୍ଦ୍ର ସରକାରଙ୍କ ରାଉରକେଲାବାସୀଙ୍କ ନିମନ୍ତେ ଭେଟି। ଏହାଦ୍ୱାରା ଜଗନ୍ନାଥ ସଂସ୍କୃତି ଓ ପରମ୍ପରା ସୁଦୃଢ ହେବା ସହିତ ଜିଲାର ଲକ୍ଷାଧିକ ଲୋକ ଜଗନ୍ନାଥ ଦର୍ଶନରେ ମୁଖ୍ୟସ୍ରୋତ ପାଲଟିବେ ବୋଲି କହିଥିଲେ। ରାଉରକେଲା ଜିଲା କଂଗ୍ରେସ ସଭାପତି ଦେବବ୍ରତ ବିହାରୀ କୁହନ୍ତି, ଏହା ଭାଜପାର ନିର୍ବାଚନ ଲଲିପପ। ଏହାଦ୍ୱାରା କୌଣସି ପ୍ରକାର ଲାଭ ନାହିଁ। ରାଉରକେଲାରେ ରେଳପଥ କ୍ଷମତା ୧୩୦କିମି ବେଗଗାମୀ ଥିବାବେଳେ ବନ୍ଦେ ଭାରତ ଏକ୍ସପ୍ରେସର ଗତି ୧୬୦କିମି। ରାଉରକେଲା ରେଳ ଷ୍ଟେଶନରେ ଥିବା ଭିତ୍ତିଭୂମି ବିକାଶ ଉପରେ ଧ୍ୟାନ ନ ଦେଇ ଏଭଳି କରି ଲୋକଙ୍କ ଆସ୍ଥା ଲାଭ ଚକ୍ରାନ୍ତ କରୁଛି କେନ୍ଦ୍ରର ମୋଦି ସରକାର ବୋଲି କହିଥିଲେ।

### ୧୮୬ ଗ୍ରାଜୁଏଟ ଟେକ୍ନିସିଆନ ଓ ଆପ୍ରେଣ୍ଟିସ ପ୍ରଶିକ୍ଷାର୍ଥୀମାନଙ୍କ ଦକ୍ଷତା ବିକାଶ କର୍ମଶାଳା

ରାଉରକେଲା, ୧୩।୯ (ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପିରେ ୧୯୬୧/୧୯୭୩ର ଆପ୍ରେଣ୍ଟିସ ଆକ୍ଟ ପ୍ରାବଧାନ ଅନୁଯାୟୀ ଗୋଟିଏ ବର୍ଷର ତାଲିମ ପାଇଁ ୧୮୬ଜଣ ଗ୍ରାଜୁଏଟ ଓ ଟେକ୍ନିସିଆନ ଆପ୍ରେଣ୍ଟିସ ତାଲିମ ନିମନ୍ତେ ଏକ ବ୍ୟାଚକୁ ପ୍ରବେଶ ମିଳିଛି। ସେପ୍ଟେମ୍ବର ୧୧ରୁ ୧୩ ଯାଏଁ ଗୋପବନ୍ଧୁ ଅଡିଟରିୟମ ହଲରେ ସାମୂହିକ ବ୍ୟାଚକୁ ନେଇ ଏକ ତିନିଦିନିଆଁ କର୍ମଶାଳା ଆୟୋଜିତ ହୋଇଯାଇଛି। କର୍ମଶାଳାର ଉଦ୍‌ଘାଟନୀ ସମାରୋହରେ ଅଧକ୍ଷତା କରିଥିଲେ ଏଚ୍‌ଆରଡି ବିଭାଗର ସିଜିଏମ ରାଜଶ୍ରୀ ବାନାର୍ଜୀ। ଏନେଇ ବାନାର୍ଜୀ ପ୍ରଶିକ୍ଷାର୍ଥିମାନଙ୍କୁ ରାଷ୍ଟ୍ର ନିର୍ମାଣରେ ଆର୍‌ଏସ୍‌ପିର ଗୁରୁତ୍ୱ ଓ ସରକାରଙ୍କ ଷ୍କିଲ ଇଣ୍ଡିଆ ଉଦ୍ୟମ ଉପରେ ବିଶେଷ ଆଲୋକପାତ କରିଥିଲେ। ତିନିଦିନିଆ କର୍ମଶାଳାର ଭିନ୍ନ ଭିନ୍ନ ଦିବସରେ ପ୍ରଶିକ୍ଷାର୍ଥିଙ୍କୁ ସମସ୍ତ ନିରାପତ୍ତା ଜନିତ ତାଲିମ ଦିଆଯିବା ସହିତ କଞ୍ଚାମାଲରୁ ଆରମ୍ଭ କରି ସମଗ୍ର ଇଣ୍ଟିଗ୍ରେଟେଡ ଷ୍ଟିଲ ତିଆରି ପ୍ରକ୍ରିୟା ଉପରେ ସଂକ୍ଷିପ୍ତ ସୂଚନା ପ୍ରଦାନ କରାଯାଇଥିଲା। ଏଥିସହ କର୍ମଶାଳାରେ ଏକ ଅଧିବେଶନରେ ଅଡିଓ ଭିଜୁଆଲ ମଧ ପ୍ରଶିକ୍ଷାର୍ଥିଙ୍କ ପ୍ରଶିକ୍ଷଣ ନିମନ୍ତେ ପ୍ରଦର୍ଶିତ କରାଯାଇଥିଲା। କର୍ମଶାଳାକୁ ଏଚଆରଡି ସହକାରୀ ପରିଚାଳକ ଏସ୍.କେ ଶୁକ୍ଳା ସଂଯୋଜନା କରିଥିଲେ।

# ୭ ସରକାରୀ ୟୁପି ସ୍କୁଲ ପରିଦର୍ଶନ କଲେ ମହାନଗର ନିଗମ ଆୟୁକ୍ତ

## ସ୍ମାର୍ଟସ୍କୁଲରେ ରୂପାନ୍ତରିତ ହେବ

ରାଉରକେଲା, ୧୩।୯ (ବିପ୍ଳବ ରଞ୍ଜନ ଦାଶ)



ଆଚାର୍ଯ୍ୟ ହରିହର ୟୁପି ସ୍କୁଲ ପରିଦର୍ଶନରେ ଆୟୁକ୍ତ।

ରାଉରକେଲା ମହାନଗର ନିଗମ ତରଫରୁ ସହରର ୧୦ଟି ସରକାରୀ ଉଚ୍ଚ ପ୍ରାଥମିକ ଓ ପ୍ରାଥମିକ ବିଦ୍ୟାଳୟକୁ ସ୍ମାର୍ଟ ସ୍କୁଲ ଭାବରେ ରୂପାନ୍ତରିତ କରିବା ନେଇ ଚାଲିଛି ଯୋରସୋର ଅଭିଯାନ। ସହରର ୧୦ଟି ସରକାରୀ ସ୍କୁଲ ଭିତ୍ତିଭୂମି ସୁଦୃଢ କରିବା ସହିତ ଉନ୍ନତମାନର ଶ୍ରେଣୀକୋଠା, ଭୋଜନାଳୟ ଏବଂ ଶୌଚାଳୟ ନିର୍ମାଣ ନିମନ୍ତେ ୮କୋଟି ଟଙ୍କା ବ୍ୟୟବରାଦ ଧାର୍ଯ୍ୟ ହୋଇଛି। ଏହି ୧୦ଟି ସ୍କୁଲ ମଧ୍ୟରୁ ପ୍ରତ୍ୟେକ ସ୍କୁଲର ଉନ୍ନତିକରଣ ପାଇଁ ୮୦ଲକ୍ଷ ଟଙ୍କା ଲେଖାଏଁ ବ୍ୟୟବରାଦ ରହିଛି। ଇତିମଧ୍ୟରେ ୩ଟି ସ୍କୁଲର କାୟାକଳ୍ପ ପରିବର୍ତ୍ତନ ହୋଇସାରିଛି। ଆଗାମୀ ଦିନରେ ଅନ୍ୟ ୭ଟି ସ୍କୁଲ ସ୍ମାର୍ଟ ସ୍କୁଲ ଭାବରେ ରୂପାନ୍ତରିତ ହେବ। ବୁଧବାର ଆର୍‌ଏମସି (ଆୟୁକ୍ତ) କମିଶନର ଡ. ଶୁଭଙ୍କର ମହାପାତ୍ର ସ୍ମାର୍ଟସ୍କୁଲରେ ରୁପାନ୍ତରିତ ହେବାକୁ ଥିବା ୭ଟି ସ୍କୁଲକୁ ଯାଇ ଭିତ୍ତିଭୂମି ପରିଦର୍ଶନ କରିଛନ୍ତି। ମହାପାତ୍ର ପରିଦର୍ଶନ କରିଥିବା ୭ଟି ସ୍କୁଲ ହେଲା ତରକେରା ୟୁପି ସ୍କୁଲ, ବିଦ୍ୟୁତ୍ କଲୋନି ୟୁପି ସ୍କୁଲ, ରଘୁନାଥପାଲୀ ୟୁପି ସ୍କୁଲ, ରିଜର୍ଭ ପୋଲିସ ୟୁପି ସ୍କୁଲ, କଳିଙ୍ଗ ବିହାର ୟୁପି ସ୍କୁଲ, ଆଚାର୍ଯ୍ୟ ହରିହର ୟୁପି ସ୍କୁଲ ଏବଂ ଓଏମପି ୟୁପି ସ୍କୁଲ। ଅନ୍ୟପଟେ ସ୍ମାର୍ଟ ସ୍କୁଲରେ ରୁପାନ୍ତରିତ ହୋଇ ସାରିଥିବା ୩ସ୍କୁଲ ହେଲା ବାଲୁଘାଟ ୟୁପି ସ୍କୁଲ, ଛେଣ୍ଡ ୟୁପି ସ୍କୁଲ ଓ ଗଙ୍ଗାଧର ୟୁପି ସ୍କୁଲ। ତେବେ ପରିଦର୍ଶନରେ ଆରଏମ୍‌ସି କମିଶନରଙ୍କ ସହିତ ଆର୍‌ଏମ୍‌ସି ଉପାୟୁକ୍ତ ସୁଧାଂଶୁ ଶେଖର ଭୋଇ, ଆରଏମସି ବରିଷ୍ଠ ଯନ୍ତ୍ରୀମାନେ ସମ୍ମିଳିତ ରହିଥିଲେ। ଯନ୍ତ୍ରୀମାନଙ୍କୁ ଉପରୋକ୍ତ ୭ଟି ସ୍କୁଲକୁ କିଭଳି ସ୍ମାର୍ଟସ୍କୁଲରେ ରୁପାନ୍ତରିତ କରାଯିବ ତାହାର ବିଭିନ୍ନ ଦିଗ ଉପରେ ଆକଳନ କରି ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ।

### କୋଏଲ ନଗର ଏ ବ୍ଲକ ନୂତନ ପୂଜା କମିଟି ଗଠିତ

ରାଉରକେଲା, ୧୩।୯ (ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସହର କୋଏଲ ନଗରସ୍ଥିତ ଏ ବ୍ଲକ ପୂଜା କମିଟି ତରଫରୁ ପ୍ରତିବର୍ଷ ଭଳି ସାର୍ବଜନୀନ ଦୁର୍ଗାପୂଜା ପାଳନ ନିମନ୍ତେ ନୂତନ ପୂଜା କମିଟି ଗଠନ ହେବା ସହ କମିଟି ନାମ ତାଲିକା ଘୋଷିତ ହୋଇଯାଇଛି। ଏନେଇ କମିଟି ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇ ଯାଇଥିବାବେଳେ ବିଗତ ୨୦୨୨-୨୩ ବର୍ଷର ଆୟବ୍ୟୟ ବିବରଣୀ ମଧ୍ୟ ଉପସ୍ଥାପିତ ହୋଇଛି। ନୂତନ କମିଟିରେ ପୃଷ୍ଠପୋଷକ ଭାବେ ଭାସ୍କର ରଥ ଓ ଉପଦେଷ୍ଟା ଭାବେ ଅଭିରାମ ମହାନ୍ତି, ଆର.ଏନ ମହାପାତ୍ର, ପି.କେ. ମହାନ୍ତି, ସମୀର ପଣ୍ଡା ଓ ବିମଳ ଦାସ ରହିଛନ୍ତି। ସେହିଭଳି ସୁମନ୍ତ ଜେନା ସଭାପତି, ଅଶୋକ ରଥ, ବିକାଶ ସାମଲ ଓ ମୁରଲୀଧର ମାଥାନ ଉପସଭାପତି, ପ୍ରକାଶ କୁମାର ମହାକୁଳ ସାଧାରଣ ସମ୍ପାଦକ, ଅରୁଣ କୁମାର ପାତ୍ର କୋଷାଧ୍ୟକ୍ଷ ହିସାବରେ ସର୍ବସମ୍ମତି କ୍ରମେ ମନୋନୀତ ହୋଇଛନ୍ତି। ଚଳିତବର୍ଷ ପୂଜା କର୍ତ୍ତା ଭାବରେ ବିନାୟକ ମିଶ୍ର ଓ ଆଚାର୍ଯ୍ୟ ଭାବେ ମିହିର ରଞ୍ଜନ ଦାଶ ପୂଜାକର୍ମ ତୁଲାଇବା ନିର୍ଦ୍ଧାରିତ ହୋଇଛି।

# ଆର୍‌ଏସ୍‌ପିର ମ୍ୟାଟେରିଆଲ ରିକୋଭରୀ ବିଭାଗ ଅଧିକାରୀ, କର୍ମଚାରୀ ପୁରସ୍କୃତ



ପୁରସ୍କୃତ ଅଧିକାରୀ ଓ କର୍ମଚାରୀମାନଙ୍କର ସହ ଅତିଥି।

ରାଉରକେଲା, ୧୩।୯ (ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପିର ମ୍ୟାଟେରିଆଲ ରିକୋଭରୀ ବିଭାଗ ଅଧିକାରୀ ଓ କର୍ମଚାରୀଙ୍କୁ ନେଇ ଗଠିତ ଦଳକୁ ଉତ୍କର୍ଷ ଯୋଜନାରେ ପୁରସ୍କୃତ କରାଯାଇଛି। ସର୍ଭିସେସ ବିଭାଗ ସିଜିଏମ୍ ଏମ.ଏନ ଭିଏସ ପ୍ରଭାକର କର୍ମଚାରୀଙ୍କୁ ଏହି ପୁରସ୍କାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଏମ୍‌ଆରଡି ବିଭାଗର ଜିଏମ୍ ଚିନ୍ତାମଣୀ ମହାପାତ୍ରଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ମଧ ଉପସ୍ଥିତ ଥିଲେ। ପ୍ରଭାକର କର୍ମଚାରୀମାନଙ୍କର ଅକ୍ଳାନ୍ତ ପରିଶ୍ରମ, ଅଭିନବ ପ୍ରୟାସ ତଥା ଆର୍‌ଏସ୍‌ପି ପ୍ରତି ଅତୁଳନୀୟ ଅବଦାନ ପାଇଁ ଅଭିନନ୍ଦନ ଜଣାଇଥିଲେ। ପୁରସ୍କୃତ କର୍ମଚାରୀଙ୍କ ମଧ୍ୟରେ ବିଭାଗର ସିନିୟର ମ୍ୟାନେଜର ପ୍ରଫୁଲ୍ଲ କୁମାର ତ୍ରିପାଠୀ, ଆସିଷ୍ଟାଣ୍ଟ ମ୍ୟାନେଜର ସୁଶୋଭନ ବସୁ, ସାମଲ ସୋରେନ, ଏମ୍‌ଓଏମଟି ନିରୋଜ କୁମାର ପୃଷ୍ଟିଙ୍କ ସହିତ ଏସଓଏସଟି ରାଜେନ୍ଦ୍ର ବାରିକ ସାମିଲ ଥିଲେ। ବିଭାଗର ଡିଜିଏମ ଏ.ସୋମ ଦଳର ନେତୃତ୍ୱ ନେଇଥିଲେ। ମାର୍କେଟିଂ ବିଭାଗ ଜି.ଏମ ରାକେଶ ଢୋଣ୍ଡିଆଲ ଏବଂ ଆରସିଏଲ ବିଭାଗର ଜି.ଏମ୍ ପ୍ରଶାନ୍ତ କୁମାର ପାତ୍ର ମାର୍ଗଦର୍ଶନ କରାଇଥିଲେ। ପୁରସ୍କାର ବିତରଣୀ କାର୍ଯ୍ୟକ୍ରମକୁ କାର୍ମିକ ବିଭାଗର ସିନିୟର ମ୍ୟାନେଜର ରାଜୀବ ମୁଖାର୍ଜୀ ସଂଯୋଜନା କରିଥିଲେ।

# ବୀରମିତ୍ରପୁର ନୂତନ ଟାଉନ ପ୍ଲାନିଂକୁ ନେଇ ବୈଠକ

ରାଉରକେଲା, ୧୩।୯ (ବିପ୍ଳବ ରଞ୍ଜନ ଦାଶ)

ବୀରମିତ୍ରପୁର ନୂତନ ଟାଉନ ପ୍ଲାନିଂକୁ ନେଇ ବୁଧବାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଆରଡ଼ିଏ (ରାଉରକେଲା ଉନ୍ନୟନ ବିଭାଗ) ସଭା କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ରାଉରକେଲାର ଅତିରିକ୍ତ ଜିଲାପାଳ ଡ଼ାକ୍ତର ଶୁଭଙ୍କର ମହାପାତ୍ର, ବୀରମିତ୍ରପୁର ମ୍ୟୁନିସିପାଲଟି ଅଧକ୍ଷ ସନ୍ଦୀପ ମିଶ୍ର, ପାନପୋଷ ଉପଜିଲାପାଳ ବିଜୟ କୁମାର ନାୟକ, ମ୍ୟୁନିସିପାଲଟି ଇଂ.ରମାନନ୍ଦ ମିଶ୍ର, ବୀରମିତ୍ରପୁର ତହସିଲଦାର ସୁଶାନ୍ତ ବେହେରା, ଡ଼େପୁଟି କଲେକ୍ଟର ନିବେଦିତା ପ୍ରଧାନ ଯୋଗଦେଇଥିଲେ। ନୂତନ ଟାଉନ ପ୍ଲାନିଂକୁ ନେଇ ବୈଠକରେ ବିସ୍ତୃତ ଆଲୋଚନା କରିଥିଲେ। କିପରି ବୀରମିତ୍ରପୁର ସହରକୁ ସିଡ଼ିପି ପ୍ଲାନ ମାଧ୍ୟମରେ ୨୦୫୦ ପର୍ଯ୍ୟନ୍ତ ରୂପାନ୍ତରଣ କରାଯିବ। ୨୦୧୧ରେ ୩୪ ହଜାର ଜନସଂଖ୍ୟା ଥିଲା, ବର୍ତ୍ତମାନ ବହୁ ସଂଖ୍ୟାରେ ବୃଦ୍ଧି ପାଇଛି। ବୀରମିତ୍ରପୁର ସହର ବିକାଶକୁ ନେଇ ଏହି ପ୍ଲାନିଂ ମାଧ୍ୟମରେ ପରିମଳ ବ୍ୟବସ୍ଥା, ସ୍ୱାସ୍ଥ୍ୟ, ସହରସେବା, ଡ୍ରେନେଜ, ମାର୍କେଟ କମ୍ପ୍ଲେକ୍ସ, ଟ୍ରକ ଟର୍ମିନାଲର ନିର୍ମାଣ କରାଯିବ। ଏହାକୁ ନେଇ କୋଲକତାର ଏକ ଏଜେନ୍ସି ସହ ବୈଠକରେ ଆଲୋଚନା କରାଯାଇଥିଲା। ବୈଠକରେ ବୀରମିତ୍ରପୁର ପୌରପାଳିକାର ୧୧ଟି ୱାର୍ଡ଼ର କାଉନସିଲର ଯୋଗଦେଇଥିଲେ। କିପରି ବୀରମିତ୍ରପୁର ବାସିନ୍ଦାଙ୍କୁ ମୌଳିକ ସୁବିଧା ଭବିଷ୍ୟତରେ ଯୋଗାଇ ଦିଆଯିବ ତା'ଉପରେ ଆଲୋଚନା କରାଯାଇଥିଲା। ଉକ୍ତ ବୈଠକରେ ରାଉରକେଲା ବାଣିଜ୍ୟ ସଂଘର ଅଧକ୍ଷ ସୁଭ ପଟ୍ଟନାୟକ ଓ ଅନ୍ୟମାନେ ସାମିଲ ଥିଲେ।



ବୈଠକରେ ସାମିଲ ଥିବା ଅଧିକାରୀ, ଜନପ୍ରତିନିଧି।

# ସେବାକର ଆୟକୁ ମଜଭୁତ କରିବାକୁ ଆହ୍ୱାନ

## 'ମୋ ବିଲ୍ ମୋ ଅଧିକାର'ରେ ସହରର ସେବା କରଦାତା ସାମିଲ ହୁଅନ୍ତୁ

ରାଉରକେଲା, ୧୩।୯ (ବିପ୍ଳବ ରଞ୍ଜନ ଦାଶ)



ରାଉରକେଲା ଚ୍ୟାମ୍ବର ଅଫ୍ କମର୍ସ ସମ୍ମିଳନୀ କକ୍ଷରେ କେନ୍ଦ୍ର ଓ ରାଜ୍ୟର ସେବା କର ସମ୍ପର୍କିତ କର୍ମଶାଳାରେ ମଞ୍ଚାସୀନ ଅତିଥି।

ରାଉରକେଲା ଚ୍ୟାମ୍ବର ଅଫ୍ କମର୍ସ ଏଣ୍ଡ ଇଣ୍ଡଷ୍ଟ୍ରିଜ ଆନୁକୂଲ୍ୟରେ ବୁଧବାର ପୂର୍ବାହ୍ନ ୧୧ଟାରେ ରାଉରକେଲା ଚ୍ୟାମ୍ବର ଅଫ୍ କମର୍ସ ସମ୍ମିଳନୀ କକ୍ଷରେ କେନ୍ଦ୍ର ଓ ରାଜ୍ୟର ସେବା କର ସମ୍ପର୍କିତ କର୍ମଶାଳା ଆୟୋଜିତ ହୋଇଯାଇଛି। କର୍ମଶାଳା ଚ୍ୟାମ୍ବର ଅଫ କମର୍ସ ସଭାପତି ସୁନୀଲ କୟାଳଙ୍କର ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। କର୍ମଶାଳାରେ ଭୁବନେଶ୍ୱର ଜୋନ୍ ଜିଏସ୍‌ଟି ଓ କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ବିଭାଗ ମୁଖ୍ୟ ଆୟୁକ୍ତ ସତ୍ୟେନ୍ଦ୍ର କୁମାର ସିଂହ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରିଥିଲେ। ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଏସ୍‌ଟି ଉପାୟୁକ୍ତ ପି.କେ ମୌର୍ଯ୍ୟା, ଅଭୟ ଗୁପ୍ତା ଓ ହର୍ଷ ରାଜ ପ୍ରମୁଖ ଜିଏସ୍‌ଟି ବିଭାଗୀୟ ଅନ୍ୟ ଅଧିକାରୀମାନେ ଯୋଗଦେଇଥିଲେ। ଏହି କର୍ମଶାଳାରେ ରାଉରକେଲା ଟ୍ୟାକ୍ସ ବାର ଆଇନଜୀବୀ, ଚାଟାର୍ଡ ଆକାଉଣ୍ଟେଣ୍ଟ ଏବଂ ବହୁ ବ୍ୟବସାୟୀ ଅଂଶଗ୍ରହଣ କରି କେନ୍ଦ୍ରୀୟ ସେବା କର ଏବଂ ରାଜ୍ୟ ସେବା କର ଜନିତ ସମସ୍ୟା ଓ ତାର ସମାଧାନ ବିଷୟରେ ଅବଗତ ହୋଇଥିଲେ। ଅନୁଷ୍ଠିତ କର୍ମଶାଳା ଚ୍ୟାମ୍ବର ଅଫ୍ କମର୍ସର ଉପସଭାପତି ନରେଶ ଆର୍ଯ୍ୟାଙ୍କ ଦ୍ୱାରା ପରିଚାଳିତ ହୋଇଥିଲା। ସାଧାରଣ ସମ୍ପାଦକ ପ୍ରଭାତ ଟେବ୍ରିଓ୍ୱାଲ କର୍ମଶାଳା ଆୟୋଜନ ମୁଖ୍ୟ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। କର୍ମଶାଳାରେ ଆୟୁକ୍ତ ସତ୍ୟେନ୍ଦ୍ର ସିଂହ କହିଥିଲେ ଯେ, ଜିଏସ୍‌ଟି ଫାଙ୍କି ଫେରାର୍ ରହିଥିବା ବ୍ୟକ୍ତି ବିଶେଷଙ୍କ ଟେର ଖୋଜୁଛୁ। ଶୀଘ୍ର ଫେରାର ଅଭିଯୁକ୍ତଙ୍କୁ ଗିରଫ କରାଯିବ। ଏହା ମଧରେ ଜିଏସ୍‌ଟି ଠକେଇ ଥିବା ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରିସାରିଛୁ। ଏଥି ସହିତ ଜିଏସ୍‌ଟି ଫାଙ୍କି ସହରରୁ ଫେରାର ଥିବା ବ୍ୟକ୍ତିମାନଙ୍କ ଘର ଆଗରେ ପଳାତକ ପୋଷ୍ଟର ମଧ ଲଗାଯାଇଛି। ଦେଶର ଜିଏସ୍‌ଟି ଆଦାୟ ହାରରେ ଓଡ଼ିଶାର ହାର ୭/୮ ପ୍ରତିଶତରୁ ଉର୍ଦ୍ଧ୍ୱ ରହିଛି। ରାଜ୍ୟ ସେବାକର ଆୟ ୨୩କୋଟି ଥିବାବେଳେ ଏଥିରେ ରାଉରକେଲା ସହଭାଗିତା ୧୦.୨୦୦କୋଟି ରହିଛି। ଏଣୁ ସହରର ସମସ୍ତ ସେବା କରଦାତାମାନେ 'ମୋ ବିଲ୍ ମୋ ଅଧିକାର'ରେ ସାମିଲ ହୋଇ ଏହାକୁ ଅଧିକ ସୁଦୃଢ କରିବାରେ ସହାୟକ ହୁଅନ୍ତୁ ବୋଲି କହିଥିଲେ। ପରେ ପି.କେ ମୌର୍ଯ୍ୟା ରାଉରକେଲା ସହର ହେଉଛି ରାଜ୍ୟର ମିନି ଇଣ୍ଡିଆ। ସହରରୁ ଉଭୟ ରାଜ୍ୟ ଏବଂ କେନ୍ଦ୍ରୀୟ ସେବା କର ବାବଦୀୟ କୋଟି କୋଟି ଟଙ୍କା ଆୟ ହେଉଛି। ଜାତୀୟ ସେବା କର ନିୟମରେ ଓ ଆଇନରେ ବହୁ ପରିବର୍ତ୍ତନ ହେଉଛି। ଜଟିଳରୁ ଜଟିଳ ସମସ୍ୟାକୁ ସମାଧାନ କରିବା ନେଇ ଜିଏସ୍‌ଟି ବିଭାଗ ତାର ଆପ୍ରାଣ ଉଦ୍ୟମ ସହିତ ନୂଆନୂଆ ଟେକ୍ନୋଲୋଜୀ ବଳରେ ଜିଏସ୍‌ଟି ମାମଲାଗୁଡିକୁ ସରଳ କରିବାର ଉଦ୍ୟମ ଜାରି ରଖିଛି। ସେବା କର ପ୍ରଦାନରେ ରାଉରକେଲା ସେବା କରଦାତା ମାନସିକ ସ୍ତରରେ ସୁଦୃଢ ହୋଇ ବିଭାଗ ସହିତ ତାଳମେଳ ରଖି ଜିଏସ୍‌ଟି ମାମଲାରେ ବିଚାର ବିମର୍ଶ କରିବା ଜରୁରୀ। ଜିଏସ୍‌ଟି ନିୟମକୁ ଫାଙ୍କି ଜିଏସ୍‌ଟିରେ ଠକାମି କରୁଥିବା ବ୍ୟକ୍ତିଙ୍କୁ କିଭଳି ସାବାଡ କରାଯିବ ତାହାର ଦଣ୍ଡବିଧାନ ବଳବତ୍ତର ରହିଛି ବୋଲି ଦର୍ଶାଇଥିଲେ। ଆଗାମୀ ଦିନରେ ରାଉରକେଲା ଚ୍ୟାମ୍ବର ଅଫ୍ କମର୍ସ ଏବଂ ସ୍ଥାନୀୟ ସହରାଞ୍ଚଳର ସେବା କରଦାତାଙ୍କ ସହ ଜିଏସ୍‌ଟି ସମ୍ପୂର୍ଣ୍ଣ ଅଧିକାରୀ ଦଳ ମିଶି ସହରକୁ ଶ୍ରେଷ୍ଠ ସେବାଦେୟ ସହର ଭାବେ ଗଢି ତୋଳିବା ପ୍ରୟାସ କରିବ ବୋଲି ଦର୍ଶାଇଥିଲେ। ପରେ ଅନ୍ୟ ସମ୍ମାନିତ ଅତିଥିଗଣ ଉପସ୍ଥିତ ବ୍ୟକ୍ତି ବିଶେଷମାନଙ୍କର ମନରେ ଜିଏସ୍‌ଟି ଭିତ୍ତିକ ଦ୍ୱନ୍ଦମୂଳକ ପ୍ରଶ୍ନଗୁଡିକର ଉତ୍ତର ଦେବା ସହିତ ଆବଶ୍ୟକ ସ୍ଥଳେ ଜଟିଳ ପ୍ରଶ୍ନଗୁଡିକୁ ଲିଖିତ ଆକାରରେ ବିଭାଗକୁ ପ୍ରଦାନ କରିବାକୁ ପରାମର୍ଶ ଦେଇ ସମସ୍ତଙ୍କ ସନ୍ଦେହ ଦୂର କରିଥିଲେ। ପରେ ଅତିଥିମାନଙ୍କୁ ମାନପତ୍ର ଦେଇ ଚ୍ୟାମ୍ବର ଅଫ୍ କମର୍ସ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟଅତିଥି ଚ୍ୟାମ୍ବର ଅଫ କମର୍ସ ସଭାପତିଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ନରେଶ ଆର୍ଯ୍ୟା ଧନ୍ୟବାଦ ଅର୍ପଣ କରିଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୧୪ ସେପ୍ଟେମ୍ବର, ୨୦୨୩



## ସଂକ୍ଷେପରେ

### ଯୁବକଙ୍କ ଆତ୍ମହତ୍ୟା

**ସମ୍ବଲପୁର, ୧୩।୯ (ଶୁଭାଶିଷ ପାଢ଼ୀ):** କ୍ଷେତରାଜପୁର ଥାନା ଅନ୍ତର୍ଗତ ବଙ୍ଗାଳିପଡାରେ ଅଜୟ ଦେଙ୍କ ମୃତଦେହ ପୋଲିସ ଜବତ କରିଛି। ବେକରେ ଶାଢ଼ି ଲଗାଇ ଘରେ ଫ୍ୟାନରେ ଝୁଲନ୍ତା ଅବସ୍ଥାରେ ମୃତ ଦେହ ରହିଥିଲା। କ୍ଷେତରାଜପୁର ପୋଲିସ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି। ଆତ୍ମହତ୍ୟାର କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ ତଦନ୍ତ ଜାରି ରହିଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

### ୨୫ କେଜି ଗଞ୍ଜେଇ ଜବତ, ୨ ଗିରଫ

**ସମ୍ବଲପୁର, ୧୩।୯ (ଶୁଭାଶିଷ ପାଢ଼ୀ):** ବୁଧବାର ସମ୍ବଲପୁର ଗୋଇନ୍ଦା ଅବକାରୀ କାର୍ଯ୍ୟାଳୟ ପକ୍ଷରୁ ଶାସନ ଅଞ୍ଚଳରେ ଗାଡି ଯାଞ୍ଚ ଚାଲିଥିବା ସମୟରେ ୨୫ କେଜି ଗଞ୍ଜେଇ ଜବତ ହୋଇଛି। ବିଶେଷ ସୂତ୍ରରୁ ଖବର ପାଇ ଗୋଇନ୍ଦା ଅବକାରୀ କାର୍ଯ୍ୟାଳୟର ଏହି ଟିମ ସୋନପୁରରୁ ଉତ୍ତରପ୍ରଦେଶ ଚୋରା ଚାଲାଣ ହେଉଥିବା ସମୟରେ କାର୍ ସହ ଗଞ୍ଜେଇ କାବୁ କରିଥିଲା। ଏହି ଘଟଣାରେ ୨ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ଉତ୍ତରପ୍ରଦେଶ ରାଜ୍ୟର ରାଜେଶ କୁମାର ଜୈସ୍ୱାଲ ଓ ଶ୍ୟାମଲାଲ। ଗଞ୍ଜେଇ ସହ ଜବତ କାର୍ ମୂଲ୍ୟ ୭ ଲକ୍ଷ ୫୦ ହଜାର ଟଙ୍କା ହେବ ବୋଲି ଅବକାରୀ କାର୍ଯ୍ୟାଳୟର ଡେପୁଟି କମିଶନର ରାଜେନ୍ଦ୍ର ବୋର୍ଥା ସୂଚନା ଦେଇଛନ୍ତି।

### ସେକ୍ସ ରାକେଟ ଠାବ ଘଟଣା
### ୨ ଯୁବକ କୋର୍ଟ ଚାଲାଣ

**ସମ୍ବଲପୁର, ୧୩।୯ (ଶୁଭାଶିଷ ପାଢ଼ୀ):** ସମ୍ବଲପୁର ଧନୁପାଲି ଥାନା ଅନ୍ତର୍ଗତ ସାକ୍ଷିପଡା ଇଦ୍‌ଗାହା ନିକଟରେ ମଙ୍ଗଳବାର ଏକ ଭଡ଼ାଘରୁ ଜଣେ ଯୁବତୀଙ୍କୁ ପୋଲିସ ଉଦ୍ଧାର କରିବା ସହ ୨ ଜଣଙ୍କୁ ଅଟକ ରଖିଥିଲା। ବୁଧବାର ଏହି ଘଟଣାରେ ଅଟକ ଦୁଇଜଣଙ୍କୁ ପୋଲିସ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଭୁଷଣ କୁମାର ପ୍ରସାଦ ଓ ସୁରଜ ଜୟସ୍ୱାଲ। ଏମାନେ କଟକ ଅଞ୍ଚଳରୁ ଯୁବତୀଙ୍କୁ ଆଣି ଏହି ଭଡ଼ା ଘରେ ରଖି ଦେହ ବ୍ୟବସାୟ କରାଉଥିଲେ। ପୋଲିସ ଉକ୍ତ ଭଡ଼ାଘରୁ ୨ଟି ମୋବାଇଲ ସହ ବହୁ ଆପତ୍ତିଜନକ ସାମଗ୍ରୀ ଜବତ ଜବତ କରିଛି।

### ଧାନ ଫସଲ ନଷ୍ଟ କଲେ ହାତୀପଲ

**କୁଚିଣ୍ଡା, ୧୩।୯ (ବିରଞ୍ଚି ଦର୍ଦ୍ଦା)**

କୁଚିଣ୍ଡା ବ୍ଲକ ବଙ୍କମା ପଞ୍ଚାୟତ ତିଲେଇମାଲ (ଭେଲୁଆଁପାଲ) ଗ୍ରାମର ଧାନ ବିଲରେ ମଙ୍ଗଳବାର ରାତିରେ ହାତୀପଲ ପଶି ଧାନ ଗଛ ଖାଇବା ସହ ଦଳିଚକଟି ପ୍ରାୟ ୫ ଏକର ଫସଲ ନଷ୍ଟ କରିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ନିକଟସ୍ଥ ଦୋଭାୟା ପର୍ବତରୁ ଏକ ୩ଟିକିଆ ହାତୀପଲ ତିଲେଇମାଲଠାରେ ଥିବା ଚାଷ ଜମିକୁ ଆସି ଭେଲୁଆଁପାଲ ଗ୍ରାମର ହରେଶ ପ୍ରଧାନ, ଯୁଧିଷ୍ଠିର ଠାକୁର, ବାବୁଲୁ ପିଙ୍ଗ ପ୍ରମୁଖଙ୍କ ଧାନଫସଲ ନଷ୍ଟ କରିଛନ୍ତି। ବର୍ତ୍ତମାନ ଧାନ ଗଛରେ ଫଳ ଧରୁଥିବା ସମୟରେ ହାତୀ ମାଡିଦେଇଥିବାରୁ ସେଥିରେ ଆଉ ଧାନ ଫଳିବା ସମ୍ଭାବନା ନାହିଁ। ଚାଷୀମାନେ ପରିବାର ପ୍ରତିପୋଷଣ ପାଇଁ ଧାରଉଧାର କରି ଧାନ ଚାଷ କରିଥିଲେ। ହାତୀପଲ ନଷ୍ଟ କରୁଥିବାରୁ ସେମାନେ ଚିନ୍ତାରେ ପଡ଼ିଯାଇଛନ୍ତି। ଚାଷୀମାନେ ଗରିବ ଶ୍ରେଣୀର ହୋଇଥିବାରୁ ଜଙ୍ଗଲ ବିଭାଗ ତଦନ୍ତ କରି ସେମାନଙ୍କୁ କ୍ଷତିପୂରଣ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

### ବାଙ୍ଗାଲୋରରେ ନୂଆଁଖାଇ ଭେଟ୍‌ଘାଟ୍ ପ୍ରସ୍ତୁତି

**ସମ୍ବଲପୁର, ୧୩।୯ (ଶୁଭାଶିଷ ପାଢ଼ୀ)**

ପଶ୍ଚିମ ଓଡ଼ିଶାର କୃଷି ଭିତ୍ତିକ ଗଣପର୍ବ ନୂଆଁଖାଇ ପ୍ରତିବର୍ଷ ଭଳି ବାଙ୍ଗାଲୋରରେ ଆସନ୍ତା ୨୪ ତାରିଖରେ ପାଳନ ହେବ। ଏ ନେଇ ପ୍ରସ୍ତୁତି ଚାଲିଛି ବୋଲି ସଭାପତି ଶୋଭନ ଦାସ ସୂଚନା ଦେଇଛନ୍ତି। ସେ କହିଛନ୍ତି, ରବିବାର ସକାଳ ୧୧ଟାରୁ ମା’ ସମଲେଶ୍ୱରୀଙ୍କ ପୂଜା ସହିତ କାର୍ଯ୍ୟକ୍ରମ ଶୁଭାରମ୍ଭ ହେବ। ରାତି ୮ଟା ପର୍ଯ୍ୟନ୍ତ ଏହା ପାଳନ କରାଯିବ। ପଶ୍ଚିମ ଓଡ଼ିଶାର ୪୦ରୁ ଅଧିକ କଳାକାର ସାମିଲ୍ ହୋଇ ଲୋକଗୀତ ଓ ଲୋକ ନୃତ୍ୟ ପରବେଷଣ କରିବେ। ବରଗଡ଼ ଧନୁଯାତ୍ରାର କଂସ ମହାରାଜ ହୃଷୀକେଶ ଭୋଇ, ଅଭିନେତ୍ରୀ ତପସ୍ୱିନୀ ଗୁରୁ, ଡା. ଶଙ୍କର ରାମଚନ୍ଦାନି ଆତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ପ୍ରତିଷ୍ଠିତ କଳାକାର ଗାନ୍ଧୀ ବାରିକଙ୍କୁ ଜୁହାର ସମ୍ମାନରେ ସମ୍ମାନିତ କରାଯିବ।

# ଧରାପଡ଼ିଲା ପଥରଖାଦାନ ମାଲିକଙ୍କ ଚାଲାକି

**ସମ୍ବଲପୁର, ୧୩।୯ (ଶୁଭାଶିଷ ପାଢ଼ୀ)**

■ ୧ ଲକ୍ଷ ମେଟ୍ରିକ୍ ଟନ୍‌ରୁ ଅଧିକ ପାଉଁଶ ପୋତିଥିଲେ
■ କାର୍ଯ୍ୟାନୁଷ୍ଠାନ ପାଇଁ ଚିଠି

ସମ୍ବଲପୁର ଜିଲା ମାନେଶ୍ୱର ତହସିଲ ଅନ୍ତର୍ଗତ ବଲାରଙ୍ଗା ମୌଜାରେ ଥିବା ପଥରଖାଦାନରେ ବେଆଇନ ଭାବେ ପାଉଁଶ ପୋତାଯାଉଥିବା ନେଇ ଆର୍‌ଡିସିଙ୍କ ପାଖରେ ଜାଗରଣ ଅନୁଷ୍ଠାନ ପକ୍ଷରୁ ଅଭିଯୋଗ ହୋଇଥିଲା। ଏହାକୁ ନେଇ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ ରାଜସ୍ୱ ବିଭାଗ ଟିମ୍ ତଦନ୍ତ କରିଥିଲେ। ତଦନ୍ତ ପରେ ୧ ଲକ୍ଷରୁ ଅଧିକ ମେଟ୍ରିକ୍‌ଟନ୍ ପାଉଁଶ ବେଆଇନ ଭାବେ ପୋତାଯାଇଥିବା ଜଣାପଡିଥିଲା। ଏ ନେଇ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆର୍‌ଡିସିଙ୍କୁ ତଦନ୍ତ ରିପୋର୍ଟ ଦେଇଛି। ବୋର୍ଡ ଝାରସୁଗୁଡ଼ା ଜିଲାପାଳ ଓ ସମ୍ବଲପୁର ଜିଲାପାଳଙ୍କୁ ମଧ ଚିଠି କରିଛି। ଚିଠିରେ ଉଲ୍ଲେଖ ରହିଛି, ଅଭିଯୋଗ ପାଇବା ପରେ ଅଗଷ୍ଟ ୨୩ରେ ଏକ ଟିମ୍ ପରିଦର୍ଶନ କରି ଯାଞ୍ଚ କରିଥିଲା। ଅଭିଯୋଗର ସତ୍ୟତା ରହିଛି। ତହସିଲ ପକ୍ଷରୁ ପଥର ଉତ୍ତୋଳନ ପାଇଁ ଅନୁମତି ଦିଆଯାଇଥିବା ବେଳେ ବେଆଇନ ଭାବେ ପାଉଶଁରେ ପୋତି ଦିଆଯାଉଛି। ୧ ଲକ୍ଷ ମେଟ୍ରିକ୍‌ଟନ୍ ପାଉଶଁରୁ ଅଧିକ ହେବ। ଏ ନେଇ ନିୟମ ଅନୁସାରେ ଲିଜ୍‌ଧାରୀଙ୍କ ନାମରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଚିଠିରେ ଦର୍ଶାଯାଇଛି। ଏ ସମ୍ପର୍କରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆର୍‌ଓ ସତ୍ୟନାରାୟଣ ନନ୍ଦ କହିଛନ୍ତି, ପ୍ରାଥମିକ ରିପୋର୍ଟ ପ୍ରଦାନ କରାଯାଇଛି। ପଥର ଉତ୍ତୋଳନ ପରେ ପାଉଶଁରେ ପୋତି ଦିଆଯାଇଥିଲା। ଏହା ଉପରେ ରାଜସ୍ୱ ଓ ଖଣି ବିଭାଗ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ସେ କହିଥିଲେ। ଏବେ ତହସିଲ ଓ ଖଣି ବିଭାଗ ପକ୍ଷରୁ କ’ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ତାହାକୁ ଅପେକ୍ଷା।

# ଫାଟକରେ ରେଲୱେ ସିଟି ବୁକିଂ କାଉଣ୍ଟର ଖୋଲିବା ଦାବି


ରେଲୱେ ଅଧିକାରୀଙ୍କୁ ଦାବିପତ୍ର ଦିଆଯାଉଛି।

**ସମ୍ବଲପୁର, ୧୩।୯ (ବି.ଶଙ୍କର)**

ସମ୍ବଲପୁର ଫାଟକ ଷ୍ଟେସନରେ ରେଲୱେ ସିଟି ବୁକିଂ କାଉଣ୍ଟର ଖୋଲିବାକୁ ହୀରାଖଣ୍ଡ ସାମ୍ମୁଖ୍ୟ ପକ୍ଷରୁ ଦାବି ହୋଇଛି। ଏ ନେଇ ଏକ ପ୍ରତିନିଧି ଦଳ ଇଷ୍ଟକୋଷ୍ଟ ରେଲୱେର ଜେନେରାଲ ମ୍ୟାନେଜରଙ୍କ ଉଦ୍ଦେଶ୍ୟରେ ସମ୍ବଲପୁର ରେଳ ମଣ୍ଡଳ ପ୍ରବନ୍ଧକଙ୍କୁ ବୁଧବାର ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ଦର୍ଶାଯାଇଛି, ଫାଟକ ରୋଡ ଷ୍ଟେସନ ବନ୍ଦ ହୋଇଯିବାରୁ ବିଭିନ୍ନ ଗ୍ରାମାଞ୍ଚଳରୁ ଆସୁଥିବା ଯାତ୍ରୀ ଟିକେଟ କାଟିବା ପାଇଁ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସେମାନେ କ୍ଷେତରାଜପୁର ଷ୍ଟେସନକୁ ଯାଉଥିଲେ ମଧ ସେଠାରେ ସବୁବେଳେ ଭିଡ଼ ଲାଗିରହୁଛି। ତେଣୁ ଫାଟକ ଷ୍ଟେସନଠାରେ ଏକ ସିଟି ଟିକେଟ କାଉଣ୍ଟର ଖୋଲାଗଲେ ଯାତ୍ରୀ ଉପକୃତ ହେବେ। ଏହାଛଡା ସମ୍ବଲପୁର-ପୁରୀ ଇଣ୍ଟରସିଟି ପ୍ରାୟ ସବୁଦିନ ବିଳମ୍ବରେ ପହଞ୍ଚୁଛି। ପୂର୍ବରୁ ଫାଟକ ଷ୍ଟେସନରେ ଓହ୍ଲାଇ ଯାତ୍ରୀମାନେ ସୁବିଧାରେ ନିଜ ଗନ୍ତବ୍ୟ ସ୍ଥଳକୁ ଯାଇପାରୁଥିଲେ। କିନ୍ତୁ ଏହା ବନ୍ଦ ହୋଇଯିବାରୁ ଯାତ୍ରୀମାନେ ଅଧିକ ଖର୍ଚ୍ଚାନ୍ତ ଓ ହଇରାଣ ହେଉଛନ୍ତି। ତେଣୁ ଗୋଟିଏ ପ୍ଲାଟଫର୍ମରେ ଇଣ୍ଟରସିଟି ଓ ପାସେଞ୍ଜର ଟ୍ରେନ ରହଣି କରିବାକୁ ଦାବି କରାଯାଇଛି। ଏହି ପ୍ରତିନିଧି ଦଳରେ ହୀରାଖଣ୍ଡ ସାମ୍ମୁଖ୍ୟ ସଭାପତି ଡା. ପରେଶ ଚନ୍ଦ୍ର ଦାନି, ଅଖିଳ ରଞ୍ଜନ ପଟ୍ଟନାୟକ, ଡ. ସନ୍ତୋଷ କୁମାର ଦାଶ, ଦୀନବନ୍ଧୁ ପଣ୍ଡା ଓ ଶିବାଶଙ୍କର ଦାନି ସାମିଲ ଥିଲେ।

# ବିଇଓ ଅଫିସ ଆଗରେ ଶିକ୍ଷକଙ୍କ ଧାରଣା



ଧାରଣାରେ ବସିଥିବା ଶିକ୍ଷୟିତ୍ରୀଶିକ୍ଷକ।

**ଜମନକିରା, ୧୩।୯ (ରବୀନ୍ଦ୍ର ପ୍ରସାଦ ଦାନି)**

ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ଆହ୍ୱାନକ୍ରମେ ଜମନକିରା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ବୁଧବାର ୩ଦଫା ଦାବିରେ ବିଇଓଙ୍କ ଅଫିସ ସମ୍ମୁଖରେ ଧାରଣା ଦେଇଛି। ସଂଘ ସଭାପତି ଭୁବନେଶ୍ୱର ଦ୍ୱିବେଦୀଙ୍କ ନେତୃତ୍ୱରେ ଶିକ୍ଷୟିତ୍ରୀଶିକ୍ଷକ ଶୋଭାଯାତ୍ରାରେ ବାହାରି ବିଇଓ ଅଫିସ ପର୍ଯ୍ୟନ୍ତ ଯାଇଥିଲେ। କନିଷ୍ଠ ଶିକ୍ଷକଙ୍କୁ ନିୟମିତ କରିବା, କେନ୍ଦ୍ରୀୟ ହାରରେ ବେତନ ପ୍ରଦାନ, ପୁରୁଣା ପେନ୍‌ସନ ପ୍ରଦାନ ଆଦି ଦାବି ନେଇ ଶିକ୍ଷକମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ସରକାର ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଜିଲା ସମ୍ପାଦକ ପ୍ରଶାନ୍ତ ନାଥ, ନୋଡାଲ ପ୍ରାଥମିକ ସ୍କୁଲ ସଭାପତି କାର୍ତ୍ତିକ କିଷାନ, ଜିଲା ସାଂଗଠନିକ ସମ୍ପାଦକ ଶ୍ରୀକାନ୍ତ ପଟେଲ, ସମ୍ପାଦକ ପ୍ରଶାନ୍ତ ପଣ୍ଡା, ଉପଦେଷ୍ଟା ଦିଲୀପ ବହିଦାର ପ୍ରମୁଖ ଶିକ୍ଷକ ନେତୃବୃନ୍ଦ ଦାବି କରିଥିଲେ। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏବିଇଓ ଦେବକୀ ନାଏକଙ୍କୁ ଦାବିପତ୍ର ଦିଆଯାଇଥିଲା। କୁଚିଣ୍ଡା ପୂର୍ବତନ ବିଧାୟକ ରବି ନାରାୟଣ ନାଏକ ଓ ବ୍ଲକ ଉପାଧ୍ୟକ୍ଷ ରୋହିତ ଭୋଇ ଶିକ୍ଷକ ଆନ୍ଦୋଳନରେ ସାମିଲ ହୋଇଥିଲେ।

### ଖୋଲିଲା ହୀରାକୁଦ ଡ୍ୟାମ୍‌ର ୨ ଗେଟ୍

**ସମ୍ବଲପୁର, ୧୩।୯ (ଶୁଭାଶିଷ ପାଢ଼ୀ):** ହୀରାକୁଦ ଡ୍ୟାମ୍‌ର ୨ଟି ଗେଟ୍ ବୁଧବାର ଅପରାହ୍ନ ୪ଟାରେ ଖୋଲାଯାଇଛି। ଉପର ମୁଣ୍ଡରେ ବର୍ଷା ହେଉଥିବାରୁ ଜଳ ଭଣ୍ଡାରରେ କ୍ଷମତାଠାରୁ ଅଧିକ ଜଳ ରହିଛି। ତେଣୁ ଜଳ ନିଷ୍କାସନ ପାଇଁ ୨ଟି ଗେଟ୍ ଖୋଲାଯାଇଥିବା କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ହୀରାକୁଦ ଜଳ ଭଣ୍ଡାରର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ୍ ଥିବାବେଳେ ବର୍ତ୍ତମାନ ଜଳସ୍ତର ୬୨୮.୨୩ ଫୁଟ୍ ରହିଛି। ଡ୍ୟାମ୍ ପୂର୍ଣ୍ଣ ହେବା ପାଇଁ ୨ ଫୁଟ୍‌ରୁ କମ୍ ରହିଥିବାରୁ ଜଳସ୍ତର ନିୟନ୍ତ୍ରଣ କରିବାକୁ ଗେଟ୍ ଖୋଲାଯିବାକୁ ନିଷ୍ପତ୍ତି ନିଆଯାଇଛି। ବର୍ତ୍ତମାନ ଉପର ମୁଣ୍ଡରୁ ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୭୩,୩୦୮ କ୍ୟୁସେକ ଜଳ ପ୍ରବେଶ କରୁଛି। ଗେଟ୍ ଖୋଲାଯିବା ପୂର୍ବରୁ ରାଜ୍ୟ ଜଳସମ୍ପଦ ବିଭାଗ ଓ ହୀରାକୁଦ ଡ୍ୟାମ୍ କର୍ତ୍ତୃପକ୍ଷ ତଳ ମୁଣ୍ଡରେ ଥିବା ଲୋକଙ୍କୁ ସତର୍କ ସୂଚନା ଦେଇଥିଲେ। ଗୁରୁବାର ଇନ୍-ଫ୍ଲୋ ଦେଢ଼ଲକ୍ଷ କ୍ୟୁସେକରୁ ଅଧିକ ହେଲେ ଆହୁରି ଗେଟ୍ ଖୋଲାଯିବାର ସମ୍ଭାବନା ରହିଛି ବୋଲି ହୀରାକୁଦ ଡ୍ୟାମର ମୁଖ୍ୟଯନ୍ତ୍ରୀ ଆନନ୍ଦ ଚନ୍ଦ୍ର ସାହୁ ସୂଚନା ଦେଇଛନ୍ତି।

# ଚେକ୍ ବାଉନ୍ସ ମାମଲା: ଅଭିଯୁକ୍ତଙ୍କୁ ଜେଲ

**ରେଢ଼ାଖୋଲ, ୧୩।୯ (ଅଚ୍ୟୁତାନନ୍ଦ ପୁରୋହିତ)**

ସମ୍ବଲପୁର ଜିଲା ରେଢ଼ାଖୋଲ ଏସ୍‌ଡିଜେଏମ୍ ହୃଷୀକେଶ ଖେମୁଣ୍ଡୁ ବୁଧବାର ଏକ ଚେକ୍ ବାଉନ୍ସ ମାମଲାର ବିଚାର କରି ଅଭିଯୁକ୍ତ ମନୋଜ ମିଶ୍ରଙ୍କୁ ୬ମାସ ଜେଲଦଣ୍ଡ ସହ ଚେକ୍ ପରିମାଣର ୨ଗୁଣା ଟଙ୍କା ଦେବାକୁ ରାୟ ପ୍ରକାଶ କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ, ଏକ ଜମି କିଣାବିକା ପାଇଁ ରେଢ଼ାଖୋଲ ଥାନା ଗୋବିନ୍ଦପୁର ଗ୍ରାମର ଚିତ୍ତରଞ୍ଜନ ପ୍ରଧାନ ନାମକ ବ୍ୟକ୍ତିଙ୍କୁ ଶୁଣ୍ଢିମୁଣ୍ଡା ଗ୍ରାମର ମନୋଜ ମିଶ୍ର ୨୦୧୯ରେ ୮୧ ହଜାର ଟଙ୍କାର ଏକ ଚେକ୍ ଦେଇଥିଲେ। ଚିତ୍ତରଞ୍ଜନ ରେଢାଖୋଲ ଷ୍ଟେଟବ୍ୟାଙ୍କରେ ଚେକ୍ ଡିପୋଜିଟ କରିବା ପରେ ଏହା ବାଉନ୍ସ ହୋଇଯାଇଥିଲା। ଏହାକୁ ନେଇ ଚିତ୍ତରଞ୍ଜନ ସ୍ଥାନୀୟ ଏସ୍‌ଡିଜେଏମ୍‌ଙ୍କ ଅଦାଲତରେ ଏକ କମ୍ପ୍ଲେନ କେସ୍ କରିଥିଲେ। କୋର୍ଟ କେସ୍ ନଂ ୯/୨୦୧୯ରେ ମନୋଜ ମିଶ୍ରଙ୍କ ନାମରେ ୧୩୦ ଏନ୍‌ଆଇ ଆକ୍ଟରେ ରୁଜୁ କରି ବିଚାର କରିଥିଲେ। ଉଭୟ ପକ୍ଷଙ୍କ ଜବାବ ସୁଆଲ ପରେ ଗତ ୨୯।୮।୨୦୨୩ରେ କୋର୍ଟ ମାମଲା ଶୁଣାଣି ପାଇଁ ଧାର୍ଯ୍ୟ କରିଥିଲେ। ତେବେ ଉକ୍ତ ଦିନ ଅଭିଯୁକ୍ତ କୋର୍ଟରେ ହାଜର ନ ହେବାରୁ ଶୁଣାଣି ହୋଇପାରି ନ ଥିଲା। ପରେ କୋର୍ଟ ଅଭିଯୁକ୍ତଙ୍କ ନାମରେ ୱାରେଣ୍ଟ ଇସ୍ୟୁ କରିଥିଲେ। କୋର୍ଟଙ୍କ ୱାରେଣ୍ଟ ବଳରେ ରେଢାଖୋଲ ପୋଲିସ ବୁଧବାର ମନୋଜଙ୍କୁ ଗିରଫ କରି ଅଦାଲତରେ ହାଜର କରିଥିଲା। କୋର୍ଟ ମାମଲାର ଶୁଣାଣି କରି ଅଭିଯୁକ୍ତ ମନୋଜଙ୍କୁ ଜେଲଦଣ୍ଡ ସହ ଚେକ୍ ପରିମାଣର ୨ଗୁଣା ଟଙ୍କା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷେ କୋର୍ଟଙ୍କ ୱାରେଣ୍ଟ ବଳରେ ଗିରଫ ହୋଇ ଆସିଥିବାରୁ ଅଭିଯୁକ୍ତଙ୍କ ଜାମିନ ଆବେଦନକୁ ମଧ କୋର୍ଟ ଖାରଜ କରିଦେଇଛନ୍ତି। ଆବେଦନକାରୀ ଚିତ୍ତରଞ୍ଜନଙ୍କ ପକ୍ଷରୁ ଓକିଲ ଗଣେଶ୍ୱର ପ୍ରଧାନ ମାମଲା ପରିଚାଳନା କରୁଥିଲେ।

# ଆଶ୍ରମ ସ୍କୁଲରେ ଅଭିଭାବକ ଆମ ଅଂଶୀଦାର କାର୍ଯ୍ୟକ୍ରମ

**ନାକଟିଦେଉଳ, ୧୩।୯ (ବୈକୁଣ୍ଠ ନାଥ ସାହୁ)**



ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି।

ନାକଟିଦେଉଳ ବ୍ଲକ ବଳମ ପଞ୍ଚାୟତ ବଲାସିଂହାସ୍ଥିତ ଆଦିବାସୀ ଜନଜାତି ଓ ଜାତି ଉନ୍ନୟନ ବିଭାଗ ପରିଚାଳିତ ଆଶ୍ରମ ସ୍କୁଲଠାରେ ବୁଧବାର ଅଭିଭାବକ ଆମର ଅଂଶୀଦାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଜଗଦୀଶ ପ୍ରସାଦ ଶତପଥୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଜିଲା ପଞ୍ଚାୟତ ଅଧିକାରୀ ଅନଙ୍ଗ ଭଞ୍ଜ ସାଗର, ନାକଟିଦେଉଳ ବିଡିଓ ବିବେକାନନ୍ଦ ସାହୁ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଭାବଗ୍ରାହୀ ନାଏକ, ସିଡିପିଓ କ୍ଷୀରବ୍ଧି ପାଣ୍ଡିଆ ପ୍ରମୁଖ ଯୋଗଦେଇ ଶିଶୁମାନଙ୍କ ପୋଷଣ, ସରକାରୀ ଯୋଜନା କାର୍ଯ୍ୟକାରିତା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସହକାରୀ ଶିକ୍ଷକ ବୁଲେଟ ନାଏକଙ୍କ ପରିଚାଳନରେ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ସୁମିତ୍ରା ସେଠ ଧନ୍ୟବାଦ ଦେଇଥିଲେ। ଏଥିରେ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର, ଅଭିଭାବକ, ମିଶନ ଶକ୍ତିର ଏମ୍‌ବିକେ, ଅଙ୍ଗନୱାଡିକର୍ମୀଙ୍କ ସମେତ ବିଭିନ୍ନ ଲାଇନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

### ମୁଣ୍ଡାପଡାବାସୀଙ୍କୁ ହତ୍ୟା ଧମକ

**ସମ୍ବଲପୁର, ୧୩।୯ (ଶୁଭାଶିଷ ପାଢ଼ୀ)**

ସମ୍ବଲପୁର ଜିଲା ଛତାବର ଗ୍ରାମର ମୁଣ୍ଡାପଡାବାସୀଙ୍କୁ ଜାତିଆଣ ଆକ୍ଷେପ ସହ ହତ୍ୟା ଧମକ ଦିଆଯାଉଛି। ଏ ନେଇ ପଡ଼ାବାସୀ ବୁଧବାର ଏସ୍‌ପିଙ୍କ କାର୍ଯ୍ୟାଳୟକୁ ଆସି ନ୍ୟାୟ ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗକ୍ରମେ ସେମାନେ ଛତାବର ମୁଣ୍ଡାପଡାରେ ଶତାଧିକ ବର୍ଷ ହେବ ରହିଆସୁଛନ୍ତି। ଏପରିସ୍ଥଳେ ଦୁଇଦିନ ତଳେ ଗ୍ରାମର ଅନ୍ୟ ପଡାବାସୀ ଆସି ପୁରୁଷ ନ ଥିବା ସମୟରେ ମହିଳାମାନଙ୍କୁ ଜାତିଆଣ ଆକ୍ଷେପ କରିବା ସହ ସେମାନଙ୍କୁ ଗୁଣ୍ଡା ଲଗାଇ ମାରିବାକୁ ଧମକ ଦେଇଥିଲେ। ଏହି ଅଭିଯୋଗ ଉପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲା ପୋଲିସ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

# ହତ୍ୟା ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶ

**କୁଚିଣ୍ଡା, ୧୩।୯ (ବିରଞ୍ଚି ଦର୍ଦ୍ଦା)**

ଜଣେ ଫେରିବାଲାଙ୍କୁ ହତ୍ୟା ମାମଲାର ବିଚାର କରି ବୁଧବାର ସମ୍ବଲପୁର ଜିଲା କୁଚିଣ୍ଡା ଅତିରିକ୍ତ ଜିଲା ଦୌରାଜଜ୍ ରାଜକିଶୋର ଲେଙ୍କା ଅଭିଯୁକ୍ତଙ୍କୁ ଆଜୀବନ ଜେଲଦଣ୍ଡ ସହ ୩୦ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅଧିକ ୬ମାସ ଜେଲଦଣ୍ଡ ଶୁଣାଇଛନ୍ତି। ଅଭିଯୁକ୍ତ ଜଣକ ହେଲେ ମହୁଲପାଲି ଥାନା ଲରିଆପାଲି ପଞ୍ଚାୟତ ପୋଖରାମାଲ ଗ୍ରାମର ବଳରାମ ମୁଣ୍ଡା। ମାମଲାରୁ ପ୍ରକାଶ ଯେ, ଝାଡ଼ଖଣ୍ଡ ରାଜ୍ୟ ହରିଦ୍ୱାର ଗ୍ରାମର ଚାନ୍ଦଦେବ ଚୌଧୁରୀ ନାମକ ବ୍ୟକ୍ତି କୁଚିଣ୍ଡା ଓ କେଶାଇବାହାଲ ଅଞ୍ଚଳରେ ରହି ଫେରି ବେପାର କରୁଥିଲେ। ଅଭିଯୁକ୍ତ ବଳରାମ ତାଙ୍କଠାରୁ ବାକିରେ ୨୬ଶହ ଟଙ୍କାର ସାମଗ୍ରୀ ରଖିଥିଲେ। ୨୦୧୭ ଜୁଲାଇ ୧୬ରେ ଚାନ୍ଦଦେବ ବକେୟା ଟଙ୍କା ପାଇଁ ବଳରାମଙ୍କ ଘରକୁ ଯାଇଥିଲେ। ଏହି ସମୟରେ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ବଳରାମ ଫେରିବାଲା ଚାନ୍ଦଦେବଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିଥିଲେ। ଏ ନେଇ ମହୁଲପାଲି ଥାନାରେ ପୋଲିସ ହତ୍ୟା ମାମଲା (ନଂ.୮୪/୨୦୧୭) ରୁଜୁ କରି ବଳରାମଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ୧୫ଜଣ ସାକ୍ଷୀଙ୍କ ବୟାନ ଆଧାରରେ କୋର୍ଟ ବିଚାର କରି ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି। ଏହି ମାମଲାକୁ ଅତିରିକ୍ତ ସରକାରୀ ଓକିଲ ରବୀନ୍ଦ୍ର ନାୟକ ପରିଚାଳନା କରୁଥିଲେ।

# କେନ୍ଦୁପତ୍ର ବୋଝେଇ ପିକ୍‌ଅପ୍ ଭ୍ୟାନ ଜବତ

**ରେଢ଼ାଖୋଲ, ୧୩।୯ (ଅଚ୍ୟୁତାନନ୍ଦ ପୁରୋହିତ)**


ଜବତ ହୋଇଥିବା କେନ୍ଦୁପତ୍ର ବୋଝେଇ ଗାଡ଼ି।

ରେଢାଖୋଲ ବନଖଣ୍ଡ ବଡମାଳ ରେଞ୍ଜ କର୍ମଚାରୀ ବୁଧବାର କେନ୍ଦୁପତ୍ର ବୋଝେଇ ଏକ ପିକ୍‌ଅପ୍ ଭ୍ୟାନ ଜବତ କରିଛନ୍ତି। ହେଲେ ଏଥିରେ ସମ୍ପୃକ୍ତ ଅଭିଯୁକ୍ତ ଫେରାର ହେବାରେ ସକ୍ଷମ ହୋଇଛନ୍ତି। ସୂଚନାମତେ ପ୍ରତ୍ୟୁଷରେ ବଡମାଳରୁ ଉଲୁଣ୍ଡା ପଟକୁ ଏକ ପିକ୍‌ଅପ୍ ଭ୍ୟାନରେ କେନ୍ଦୁପତ୍ର ଚୋରାଚାଲାଣ ହେଉଥିବା ନେଇ ଡିଏଫ୍‌ଓ ଅରବିନ୍ଦ ମହାନ୍ତି ସୂଚନା ପାଇ ବଡମାଳ ରେଞ୍ଜ ଅଧିକାରୀଙ୍କୁ ଚଢାଉ ପାଇଁ ନିର୍ଦ୍ଦେଶ ଦେଇଥିଲେ। ରେଞ୍ଜ ଅଧିକାରୀ ପ୍ରଦୀପ ସେଠୀ ସଦଳବଳ ଚଢାଉ କରି ବଡମାଳ-ସାଗଝୋରି ରାସ୍ତାର ରଙ୍ଗମାଟିଆ ଛକ ନିକଟରେ ଉକ୍ତ ଭ୍ୟାନ (ଓଆର୦୫ଏଲ-୩୪୯୨)କୁ ଜବତ କରିଥିଲେ। ତେବେ ବନ କର୍ମଚାରୀଙ୍କୁ ଦେଖି ଅଭିଯୁକ୍ତ ଗାଡି ଛାଡି ଫେରାର ହୋଇଯାଇଥିଲେ। ଭ୍ୟାନରୁ ୨୨୭ ବଣ୍ଡଲ କେନ୍ଦୁପତ୍ର ଜବତ କରାଯାଇଛି।

# ଆଦର୍ଶ ବିଦ୍ୟାଳୟକୁ ହିଣ୍ଡାଲ୍‌କୋ ଦେଲା ସ୍କୁଲବସ୍

**ସମ୍ବଲପୁର, ୧୩।୯ (ଶୁଭାଶିଷ ପାଢ଼ୀ)**

ସ୍ଥାନୀୟ ଲୋକଙ୍କ ଦାବି ଅନୁସାରେ ସମ୍ବଲପୁର ଜିଲାପାଳ ଅନନ୍ୟା ଦାସଙ୍କ ପରାମର୍ଶ କ୍ରମେ ହିଣ୍ଡାଲ୍‌କୋ ପକ୍ଷରୁ ପରମାଣପୁର ଆଦର୍ଶ ବିଦ୍ୟାଳୟକୁ ସ୍କୁଲ ବସ୍ ପ୍ରଦାନ କରାଯାଇଛି। କ୍ଲଷ୍ଟର ମୁଖ୍ୟ କୈଳାଶ ନାଥ ପାଣ୍ଡେଙ୍କ ମାର୍ଗଦର୍ଶନ ଓ ଯୁଗ୍ମ ସଭାପତି ମାନବ ସମ୍ବଳ କ୍ରିଷ୍ଣା ପାଢ଼ୀଙ୍କ ତତ୍ତ୍ୱାବଧାନରେ ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ହୀରାକୁଦର ପାରିପାର୍ଶ୍ୱିକ ପାଣ୍ଠି ବିନିଯୋଗ ହୋଇଛି। ଲୋକାର୍ପଣ କାର୍ଯ୍ୟକ୍ରମରେ ରେଙ୍ଗାଲି ବିଧାୟକ ନାଉରୀ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାନେଶ୍ୱର ବ୍ଲକ ଅଧକ୍ଷା ରୁକ୍ମଣୀ ମହାନନ୍ଦ, ଉପାଧକ୍ଷ ନରେନ୍ଦ୍ର ମିଶ୍ର, ଜୋନ ୧ ଜିଲା ପରିଷଦ ସଦସ୍ୟା ସୁରଜା ସେଠ, ଜୋନ ୨ ଜିଲା ପରିଷଦ ସଦସ୍ୟା ଗୀତାଞ୍ଜଳି ପାଣ୍ଡେ, ପରମାଣପୁର ସରପଞ୍ଚ ମହେନ୍ଦ୍ର ନାଥ, ଆଦର୍ଶ ବିଦ୍ୟାଳୟ ପ୍ରିନ୍ସିପାଲ ରାଜେନ୍ଦ୍ର କୁମାର ଛତ୍ରିଆ ଓ ହିଣ୍ଡାଲକୋ ପାରିପାର୍ଶ୍ୱିକ ଉନ୍ନୟନ ବିଭାଗର ମ୍ୟାନେଜର ଆନନ୍ଦ ଚକ୍ରବର୍ତ୍ତୀ ପ୍ରମୁଖ ଉପସ୍ଥିତ ଥିଲେ।



ଆଦର୍ଶ ବିଦ୍ୟାଳୟକୁ ସ୍କୁଲ ବସ୍ ପ୍ରଦାନ କରାଯାଉଛି।

# ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବ ପ୍ରକୃତି ଉଦ୍ୟାନ

**ଡେବ୍ରିଗଡ଼ ଅଭୟାରଣ୍ୟ**
■ ଲୋକାର୍ପଣ କଲେ ପିସିସିଏଫ୍

**ସମ୍ବଲପୁର, ୧୩।୯ (ଶୁଭାଶିଷ ପାଢ଼ୀ)**



ଅଭୟାରଣ୍ୟ ପ୍ରବେଶ ପଏଣ୍ଟରେ ଥିବା ପ୍ରକୃତି ଉଦ୍ୟାନ ।

ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ସମ୍ବଲପୁର ଡେବ୍ରିଗଡ଼ ଅଭୟାରଣ୍ୟକୁ ବନ ବିଭାଗ ବିକଶିତ କରିଆସୁଛି। ଏହି କ୍ରମରେ ଅଭୟାରଣ୍ୟର ପ୍ରବେଶ ପଥ ଗୋବିନ୍ଦପୁରଠାରେ ହୀରାକୁଦ ପ୍ରକୃତି ଉଦ୍ୟାନ ବୁଧବାର ଲୋକାର୍ପିତ ହୋଇଛି। ବନ୍ୟପ୍ରାଣୀ ବିଭାଗ ପିସିସିଏଫ୍ ସୁଶିଲ କୁମାର ପୋପଲି ଏହାକୁ ଲୋକାର୍ପଣ କରିଛନ୍ତି। ଏହି ଉଦ୍ୟାନ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବ ବୋଲି ବନ୍ୟପ୍ରାଣୀ ବିଭାଗ ଡିଏଫ୍‌ଓ ଅଂଶୁପ୍ରଜ୍ଞା ଦାସ କହିଛନ୍ତି।

ଡିଏଫ୍‌ଓ ଆହୁରି କହିଛନ୍ତି, ଡେବ୍ରିଗଡ ଅଭୟାରଣ୍ୟ ହୀରାକୁଦ ଜଳଭଣ୍ଡାକୁ ଲାଗିରହିଛି। ଗୋରାମପୁର ପକ୍ଷୀ ଗ୍ରାମରେ ହୀରାକୁଦ ବନ୍ୟପ୍ରାଣୀ ବିଭାଗ ବୋଟିଂ ଓ ସହାୟକ ସୁବିଧା ସୃଷ୍ଟି କରିଛି। ୨୦୨୨ରେ ଏହି ଗ୍ରାମକୁ ପକ୍ଷୀଗ୍ରାମ ଭାବରେ ଘୋଷିତ କରାଯାଇଥିଲା। ଏଠାରେ ବିଦେଶୀ ପକ୍ଷୀମାନଙ୍କୁ ସୁରକ୍ଷା ସହ ସଂରକ୍ଷଣ ସୁବିଧା ଦିଆଯାଉଛି। ହ୍ରଦ ଭିତରେ ବୁଡ଼ି ରହିଥିବା ମନ୍ଦିରଗୁଡ଼ିକର ନବୀକରଣ କରାଯାଇଛି। ପ୍ରକୃତି ଉଦ୍ୟାନ ୨.୫ ଏକର ପରିମିତ ଅଞ୍ଚଳରେ ରହିଛି। ପର୍ଯ୍ୟଟକଙ୍କଠାରୁ ସଂଗ୍ରହ ହେଉଥିବା ରାଜସ୍ୱରେ ସ୍ଥାନୀୟ ଲୋକଙ୍କୁ ଅଂଶୀଦାର କରାଯାଇଛି। ଏହା ସେମାନଙ୍କ ବିକଳ୍ପ ଜୀବିକା ନିର୍ବାହ କରିବାରେ ସାହାଯ୍ୟ କରୁଛି। ପ୍ରତିବର୍ଷ ଶୀତଦିନେ ଅର୍ଥାତ୍ ଅକ୍ଟୋବରରୁ ମାର୍ଚ୍ଚ ପର୍ଯ୍ୟନ୍ତ ଏଠାକୁ ୧୦୦ରୁ ଅଧିକ ପ୍ରଜାତିର ୩ ଲକ୍ଷରୁ ଅଧିକ ପକ୍ଷୀଙ୍କ ଆଗମନ ହୋଇଥାଏ। ଏହି ସମୟରେ ପ୍ରାୟତଃ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଇଥାଏ। ଏହି ଉଦ୍ୟାନ ବିକଳ୍ପ ଭାବେ ଜଙ୍ଗଲ ଉପରେ ନିର୍ଭରଶୀଳ ସମ୍ପ୍ରଦାୟ ଦ୍ୱାରା ପରିଚାଳିତ ହେବ ବୋଲି ଡିଏଫ୍‌ଓ ଦାସ କହିଥିଲେ।

